## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୨୫ତମ ସମାବର୍ତ୍ତନ ଉତ୍ସବ






# ସମାବର୍ତ୍ତନ ଉତ୍ସବ ସାଧନା ଓ ସଫଳତାର ପର୍ବ: ରାଷ୍ଟ୍ରପତି

ବ୍ରହ୍ମପୁର, ୧।୩ (ସମିସ): 'ସମାବର୍ତ୍ତନ' ପ୍ରମାଣପତ୍ରର ଉତ୍ସବ ନୁହେଁ। ଏହା ବିଦ୍ୟାର୍ଥୀଙ୍କ ସାଧନା ଓ ସଫଳତାର ପର୍ବ; ଏହା ଏକ ଶୁଭ ମୁହୂର୍ତ୍ତ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୨୫ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଏହା କହିଛନ୍ତି। କୁଳାଧିପତି ତଥା ରାଜ୍ୟପାଳ ରଘୁବର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଥିଲେ ଯେ ଏହି ବିଶ୍ୱବିଦ୍ୟାଳୟର ଅନେକ ପୁରାତନ ଛାତ୍ରଛାତ୍ରୀ ଭାରତର ପ୍ରମୁଖ ସ୍ଥାନରେ ଦେଶ ପାଇଁ କାର୍ଯ୍ୟ କରୁଛନ୍ତି। ଏହି ବିଶ୍ୱବିଦ୍ୟାଳୟ ପିଜି ବିଭାଗ ଓ ଅନୁବନ୍ଧିତ ମହାବିଦ୍ୟାଳୟଗୁଡ଼ିକରେ ୪୫ହଜାର ବିଦ୍ୟାର୍ଥୀ ଅଧ୍ୟୟନ କରୁଛନ୍ତି। ସେଥିରୁ ୬୦ ପ୍ରତିଶତ ଛାତ୍ରୀ ରହିଛନ୍ତି। ଆଜି ଡକ୍ଟରେଟ ପାଇଥିବା ବିଦ୍ୟାର୍ଥୀଙ୍କ ମଧ୍ୟରେ ମହିଳାଙ୍କ ସଂଖ୍ୟା ଅଧିକ ରହିଛି। ତେଣୁ ଲିଙ୍ଗଗତ ସମାନତା କ୍ଷେତ୍ରରେ ଏହି ବିଶ୍ୱବିଦ୍ୟାଳୟ ଏକ ଜ୍ୱଳନ୍ତ ଉଦାହରଣ। ଏହି ଅବସରରେ ସେ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇ କହିଥିଲେ ଯେ ଜ୍ଞାନ ଅର୍ଜନର ଅନ୍ତ ନାହିଁ। ପାଠ ପଢ଼ିବା ସହ ସମାଜ କଲ୍ୟାଣ ଦିଗରେ କାର୍ଯ୍ୟ କରିବାକୁ ସେ ଉପଦେଶ ଦେଇଥିଲେ।

ରାଷ୍ଟ୍ରପତି ଆହୁରି କହିଥିଲେ ଯେ ଦକ୍ଷିଣ ଓଡ଼ିଶା କେବଳ ରାଜ୍ୟ ନୁହେଁ, ବରଂ ଭାରତ ଇତିହାସରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ଏହି ଭୂମିର କଳା, ଶିକ୍ଷା, ସଂସ୍କୃତି, କାରିଗରୀ ଅନନ୍ୟ। ଏହି ମାଟିର ସୁପୁତ୍ର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ ଓଡ଼ିଆ ଓ ଭାରତୀୟ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି।







## ଜୀବନ ନିରନ୍ତର ଶିକ୍ଷାର ସନ୍ଧାନ: ରାଜ୍ୟପାଳ

## ଉତ୍ସାହ ଦେଇଛି 'ନୂଆ-ଓ' ଯୋଜନା: ଉଚ୍ଚଶିକ୍ଷା ମନ୍ତ୍ରୀ

ଏହି ପବିତ୍ର ଭୂମି ଅନେକ ସଂଗ୍ରାମୀଙ୍କୁ ଜନ୍ମ ଦେଇଛି। ଭାରତର ପୂର୍ବତନ ରାଷ୍ଟ୍ରପତି ଭି.ଭି ଗିରି, ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେଓ, ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ଦାସ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ, ଶଶିଭୂଷଣ ରଥ, ସଦାଶିବ ତ୍ରିପାଠୀ, ବିନାୟକ ଆଚାର୍ଯ୍ୟଙ୍କ ଭଳି ଅନେକ ଜନନାୟକଙ୍କୁ ଜନ୍ମ ଦେଇ ଏ ମାଟି ଗୌରବାନ୍ୱିତ। ସେହିପରି ଦକ୍ଷିଣ ଓଡ଼ିଶାକୁ ମହିଳା ସଶକ୍ତୀକରଣର ପ୍ରୟୋଗଶାଳା ଭାବେ ଅଭିହିତ କରି ରାଷ୍ଟ୍ରପତି କହିଥିଲେ ଯେ ଏଠାରେ ପାରିବାରିକ ଓ ଅର୍ଥନୈତିକ ବିକାଶ କ୍ଷେତ୍ରରେ ମହିଳାମାନଙ୍କର ଗୁରୁତ୍ୱ ଅଧିକ। ଏହି ଅବସରରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୨୦୨୩ ଶିକ୍ଷାବର୍ଷରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ବିଭିନ୍ନ ବିଭାଗରେ ସର୍ବୋଚ୍ଚ ନମ୍ବର ରଖିଥିବା ୩୫ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣପଦକ ଓ ୪୩ଜଣଙ୍କୁ ପିଏଚଡି ମାନପତ୍ର ପ୍ରଦାନ କରିଥିଲେ। ସେହିଭଳି ଏହି ସମାବର୍ତ୍ତନ ଉତ୍ସବରେ ୩ଜଣ ଡିଲିଟ୍ ଓ ଜଣେ ଡିଏସ୍‌ସି ପାଇଛନ୍ତି।

କୁଳାଧିପତି ରଘୁବର ଦାସ କହିଥିଲେ, ଜୀବନ ନିରନ୍ତର ଶିକ୍ଷାର ସନ୍ଧାନ। ପ୍ରତିଦିନ ନୂଆ ଅନୁଭୂତି ପ୍ରଦାନ କରିଥାଏ। ଯେଉଁ ରାଷ୍ଟ୍ରରେ ଜ୍ଞାନର ପୁଞ୍ଜି ଅଧିକ ରହିଛି, ସେହି ଦେଶ ସେତିକି ମାତ୍ରାରେ ସଶକ୍ତ ହୋଇପାରିଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବିଗତ ଦିନରେ ଶିକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ସଶକ୍ତ ହୋଇଛି ବୋଲି ରାଜ୍ୟପାଳ କହିଥିଲେ।

ସମ୍ମାନିତ ଅତିଥି ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଥିଲେ ଯେ ଗୋଟିଏ ଜାତି ଆଗକୁ ଯିବାକୁ ହେଲେ, ତା'ର ଭାଷା ଓ ସାହିତ୍ୟ ଆଗେଇ ଯିବା ଉଚିତ। ଓଡ଼ିଶାର ଜଣେ ମହିଳା ରାଷ୍ଟ୍ରପତି ହୋଇଥିବାରୁ ଏଥିପାଇଁ ଏ ମାଟି ସଦା ଗୌରବାନ୍ୱିତ। ସାରା ଓଡ଼ିଶାରେ ଯେତେବେଳେ ବିଶ୍ୱବିଦ୍ୟାଳୟଗୁଡ଼ିକ ଆରମ୍ଭ ହୋଇଥିଲା ସେହି ସମୟରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ପ୍ରଥମେ ଖୋଲିଥିଲା। ମାତୃଭାଷାକୁ ନୂତନ ଦିଶା ଦେଖାଇବାରେ ଏହି ବିଶ୍ୱବିଦ୍ୟାଳୟ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟର ପ୍ରାଣପ୍ରତିଷ୍ଠା କରିଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କ ଅବଦାନକୁ ସେ କୃତଜ୍ଞତା ଜ୍ଞାପନ କରିଥିଲେ। ସମ୍ମିଳତ ଉଦ୍ୟମ, ଦିଶଦର୍ଶନ ଫଳରେ ଭାରତବର୍ଷରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଯେପରି ରୋଲ ମଡ଼େଲ ହେବ ସେଦିଗରେ ସମସ୍ତେ ସଂକଳ୍ପବୋଧ ହେବାକୁ ସେ ଆହ୍ୱାନ ଦେଇଥିଲେ।

ସେ ଆହୁରି କହିଥିଲେ ଯେ ଉଚ୍ଚଶିକ୍ଷା କ୍ଷେତ୍ରରେ ଓଡ଼ିଶା ବହୁ ଆଗରେ ପହଞ୍ଚି ସାରିଛି। ଓଡ଼ିଶାରେ ସମ୍ପ୍ରତି ୧୮ଟି ବିଶ୍ୱବିଦ୍ୟାଳୟ ଖୋଲିଛି। ସବୁ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ସଜାଡ଼ିବାରେ ଓଡ଼ିଶା ସରକାର ଗୁରୁତ୍ୱ ଦେଇଛନ୍ତି। ଏଥିଲାଗି ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୃତଜ୍ଞତା ଜଣାଇଛନ୍ତି। ଶିକ୍ଷାର ପ୍ରଚାରପ୍ରସାର ସହିତ ଗୁଣାତ୍ମକ ଶିକ୍ଷାଦାନ ପ୍ରତି ଉଦ୍ୟମ କରାଯାଉଛି। 'ନୂଆ-ଓ' ଯୋଜନାରେ ୩ଲକ୍ଷ ୧୨ହଜାର ଛାତ୍ରଛାତ୍ରୀଙ୍କୁ ସ୍କଲାରସିପ ଦେବା ଯୋଜନା ରାଜ୍ୟ ସରକାର କରିଛନ୍ତି। ଏହା ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ଶିକ୍ଷା ବ୍ୟବସ୍ଥାକୁ ଆଗକୁ ନେବାରେ ବିଶେଷ ସହାୟକ ହେବ।

କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର୍ ଗୀତାଞ୍ଜଳି ଦାଶ ସ୍ୱାଗତ ଭାଷଣ ପ୍ରଦାନ କରି ଅନୁଷ୍ଠାନର ଗାରିମା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସିଣ୍ଡିକେଟ୍ ସଭ୍ୟଙ୍କ ସମେତ ଦକ୍ଷିଣାଞ୍ଚଳ ଆଇଜି ଜୟନାରାୟଣ ପଙ୍କଜ, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ବ୍ରହ୍ମପୁର ଏସପି ଡା଼ଃ ସର୍ବଣା ବିବେକ ଏମ୍, ବ୍ରହ୍ମପୁର ଉପଜିଲ୍ଲାପାଳ ଧିନା ଦସ୍ତଗୀରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ।




## ଜନସନ୍ କମ୍ପାନୀରେ ଟ୍ରେନିଂ ପାଇଁ ଗଲେ ଆଇଟିଆଇ ବିଦ୍ୟାର୍ଥୀ

ବ୍ରହ୍ମପୁର, ୧।୩(ସମିସ)

ବ୍ରହ୍ମପୁର ସରକାରୀ ଆଇଟିଆଇର ବିଦ୍ୟାର୍ଥୀ ଶୁକ୍ରବାର ଚେନ୍ନାଇ ସ୍ଥିତ ଜନସନ ଲିଫ୍ଟ ଏବଂ ଏସ୍କାଲେଟର କମ୍ପାନୀକୁ ଟ୍ରେନିଂ ନିମନ୍ତେ ଯାତ୍ରା କରିଛନ୍ତି। ବ୍ରହ୍ମପୁର ରେଳ ଷ୍ଟେସନରୁ ଯାତ୍ରା ଆରମ୍ଭ କରିଥିବା ବେଳେ ସେମାନଙ୍କ ସହ ଆଇଟିଆଇର ଅଧ୍ୟାପକ ଅଧ୍ୟାପିକା ରହିଛନ୍ତି। ଶତାଧିକ ଛାତ୍ରଛାତ୍ରୀ ଦୀର୍ଘ ୩ମାସ ପର୍ଯ୍ୟନ୍ତ ଉକ୍ତ କମ୍ପାନୀର ବିଭିନ୍ନ ଉନ୍ନତ ଜ୍ଞାନକୌଶଳ ବିଷୟରେ ଜାଣିବା ସହ ଲିଫ୍ଟ ମରାମତି ଓ ରକ୍ଷଣାବେକ୍ଷଣ ସମ୍ପର୍କରେ ତାଲିମ ନେବେ। ସାମ୍ପ୍ରତି ସ୍ଥିତିକୁ ଦେଖି ଆଇଟିଆଇ ପକ୍ଷରୁ ଅତି ଆଧୁନିକ ଯନ୍ତ୍ରପାତି ସୃଷ୍ଟି କରାଯିବାକୁ ଗୁରୁତ୍ୱ ଦିଆଯାଉଛି। ଏ କ୍ଷେତ୍ରରେ ଆଇଟିଆଇ ପକ୍ଷରୁ ଏଭଳି ସ୍ୱତନ୍ତ୍ର ଟ୍ରେନିଂ ବ୍ୟବସ୍ଥା କରାଯାଇଛି।

## ଜଳବାୟୁ ପରବର୍ତ୍ତନ ଓ ପ୍ଲାଷ୍ଟିକ୍ ପୃଥକୀକରଣ ସମ୍ପର୍କିତ ଆଲୋଚନା

ବ୍ରହ୍ମପୁର, ୧।୩(ସମିସ): ସାତ୍ତ୍ୱିକ ସୋଲ ଫାଉଣ୍ଡେସନ ପକ୍ଷରୁ ଅକ୍ସଫୋର୍ଡ ପବ୍ଲିକ ସ୍କୁଲରେ ଜଳବାୟୁ ପରିବର୍ତ୍ତନ ଏବଂ ପ୍ଲାଷ୍ଟିକ ପୃଥକୀକରଣ ଉପରେ ଏକ ଆଲେଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାତ୍ତ୍ୱିକ ସୋଲ ଫାଉଣ୍ଡେସନର ଜିଲ୍ଲା ସଂଯୋଜକ ଭାରତ ଗୌରବ ଦାଶଙ୍କ ସମେତ ଅକ୍ସଫୋର୍ଡ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ଅଶୋକ କୁମାର ପାଳ, ପି. ସରିତା, ରୁନାଲ ବେହେରା, ରଶ୍ମି ସାମନ୍ତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସାତ୍ତ୍ୱିକ ସୋଲ ଫାଉଣ୍ଡେସନର ସଦସ୍ୟ ଭୁନା ଶ୍ରିହରି ଜଳବାୟୁ ପରିବର୍ତ୍ତନରେ ପୃଥିବୀ ଉପରେ ପଡୁଥିବା ପ୍ରଭାବ ବିଷୟରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ୪୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ଚୋରି ହୋଇଥିବା ୧୭ ମୋବାଇଲ୍ ଉଦ୍ଧାର

ବ୍ରହ୍ମପୁର, ୧।୩(ସମିସ): ସହରର ବିଭିନ୍ନ ଲୋକଙ୍କଠାରୁ ଚୋରି ହୋଇ ଯାଇଥିବା ମୋବାଇଲକୁ ପୁଲିସ ଉଦ୍ଧାର କରିଛି। ମୋବାଇଲ ଉଦ୍ଧାର ପରେ ପୁଲିସ ପକ୍ଷରୁ ଏହାର ପ୍ରକୃତ ମାଲିକଙ୍କୁ ଚିହ୍ନଟ କରି ଫେରାଇ ଦିଆଯାଇଛି। ନିଜ ମୋବାଇଲ ଫେରି ପାଇଥିବା ବ୍ୟକ୍ତିମାନେ ହେଲେ ରାଜେଶ କୁମାର ବେହେରା, ଶୁଭଶ୍ରୀ ଦାସ, ସେନାଲି ଗୌଡ, ମାନସୀ କୁମାରୀ ପାତ୍ର, ଲକ୍ଷ୍ମଣ ସେଠୀ, ରାକେଶ ବେହେରା, ନିରଞ୍ଜନ ସାହୁ, ଗିତାଞ୍ଜଳୀ ମହାନ୍ତି, ଗଣେଶଚନ୍ଦ୍ର ସାହୁ, ରାମକୃଷ୍ଣ ସାହୁ, ଜାଗିଲି କୋଠିଆ, ଭାଗ୍ୟଶ୍ରୀ ପଣ୍ଡା, ସୀମାଞ୍ଚଳ ପାତ୍ର, ପି. ବିନୋଦ, ଅଜୟ କୁମାର ସାହୁ, ସଞ୍ଜିତ ମହାନ୍ତି ଓ ଜ୍ୟୋତି କୁମାର ଦାସ। ଉପରୋକ୍ତ ଲୋକମାନେ ବଜାରରେ କିଣାକିଣି କରୁଥିବା ବେଳେ ଅଥବା ଗାଡିରେ ଯାଉଥିବା ବେଳେ ଦୁର୍ବୃତ୍ତମାନେ ସେମାନଙ୍କଠାରୁ କୌଶଳକ୍ରମେ ମୋବାଇଲ ଚୋରି କରି ନେଇଯାଇଥିଲେ। ମୋବାଇଲ ଚୋରି ମାମଲାକୁ ନେଇ ସାଇବର ଓ ଅର୍ଥନୈତିକ ଅପରାଧ ଥାନା ପୁଲିସ ପକ୍ଷରୁ ତଦନ୍ତ କରାଯାଇଥିଲା। ଦୁର୍ବୃତ୍ତଙ୍କଠାରୁ ମୋବାଇଲ ଉଦ୍ଧାର କରାଯିବା ପରେ ଆଜି ଉପରୋକ୍ତ ବ୍ୟକ୍ତିଙ୍କୁ ଥାନାକୁ ଡାକି ସେମାନଙ୍କ ମୋବାଇଲ ଫେରାଯାଇଥିଲା।

ଆନ୍ତଃ ବିଶ୍ୱବିଦ୍ୟାଳୟସ୍ତରୀୟ ବାଳିକା ହ୍ୟାଣ୍ଡବଲ୍ ପ୍ରତିଯୋଗିତା

## ତୃତୀୟ ରାଉଣ୍ଡରେ ପ୍ରବେଶ କଲା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବାଳିକା ଦଳ

ବ୍ରହ୍ମପୁର, ୧।୩(ସମିସ): ଆନ୍ତଃ ବିଶ୍ୱବିଦ୍ୟାଳୟସ୍ତରୀୟ ବାଳିକା ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଛତିଶଗଡ଼ର ବିଲାସପୁରରେ ଚାଲିଛି। ଏଥିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ବାଳିକା ଦଳ ପ୍ରଥମ ରାଉଣ୍ଡରେ ବାଇ ପାଇ ଓ ଦ୍ୱିତୀୟ ରାଉଣ୍ଡରେ ହୋମ ଟିମକୁ ୨୪-୧୩ ସ୍କୋର କରି ୧୧ଟି ଗୋଲରେ ବିଜୟ ପ୍ରାପ୍ତି କରି ତୃତୀୟ ରାଉଣ୍ଡକୁ ପ୍ରବେଶ କରିଛନ୍ତି। ଏହି ଖେଳ ଗତ ଗୁରୁବାରଠାରୁ ଆରମ୍ଭ ହୋଇଥିବା ବେଳେ ଚଳିତ ମାସ ୩ତାରିଖରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଆସନ୍ତାକାଲି ତୃତୀୟ



ରାଉଣ୍ଡ ଖେଳ ପ୍ରଦର୍ଶନ କରିବ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବାଳିକା ଦଳ। ଏ ଅବସରରେ ଗଞ୍ଜାମ ଜିଲ୍ଲାରେ ହ୍ୟାଣ୍ଡବଲ ଦଳର ସମ୍ପାଦକ ସୁରେଶ ଚନ୍ଦ୍ର ପାଢି, ଦଳର କୋଚ ପ୍ରଶାନ୍ତ କୁମାର ରଥ, ରାଜେଶ ମହାନ୍ତି ଓ ରବୀ ଚରଣ ମିଶ୍ର ଖେଳାଳୀମାନଙ୍କୁ ଅଭିବାଦନ ଜଣାଇବା ସହ ସଫଳତା କାମନା କରିଛନ୍ତି। ଏହି ଜାତୀୟ ସ୍ତରର କ୍ରୀଡ଼ା ପ୍ରତିଯୋଗିତାରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଦଳର ଖେଳାଳି ଜି. ଜ୍ୟୋତି ପାତ୍ର, ବର୍ଷା ସେଠୀ, ସ୍ୱାଗତିକା ପାତ୍ର ଓ ବର୍ଷା ବେହେରାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ମିଥ୍ୟା ତଥ୍ୟ ଦେଇ ମାମଲା ରୁଜୁ କରିବା ମହଙ୍ଗା ପଡ଼ିଲା

# ଓଁ ଆରୋଗ୍ୟ ହସ୍ପିଟାଲର ନିର୍ଦ୍ଦେଶକଙ୍କୁ ବ୍ୟକ୍ତିଗତ ହାଜର ପାଇଁ କୋର୍ଟଙ୍କ ନିର୍ଦ୍ଦେଶ

- ପ୍ରତିପକ୍ଷଙ୍କ ଆବେଦନକୁ ଗ୍ରହଣ କରି ଲାଗିଛି ସଙ୍ଗୀନ ମାମଲା
- ୩ ଅଭିଯୋଗକାରୀଙ୍କ ପକ୍ଷରୁ ୧୫ କୋଟି ଟଙ୍କାର ମାନହାନୀ ମାମଲା ଦାଏର

ବ୍ରହ୍ମପୁର, ୧।୩(ସମିସ)

ସ୍ଥାନୀୟ ଭାବାନଗର ସ୍ଥିତ ଆପୋଲୋ ଏବଂ ଓଁ ଆରୋଗ୍ୟ ହସ୍ପିଟାଲର ମାଲିକାନା ବିବାଦ ଭିନ୍ନ ରୂପ ନେଇଛି। ହସ୍ପିଟାଲର ମାଲିକାନାକୁ ନେଇ ହସ୍ପିଟାଲର ଦୁଇ ନିର୍ଦ୍ଦେଶକ ନିଶି ପ୍ରିୟଦର୍ଶିନୀ ଓ ରମେଶ ଚନ୍ଦ୍ର ବାରତାଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ଉଭୟ ବୈଦ୍ୟନାଥପୁର ଥାନାରେ ପୃଥକ ପୃଥକ ମାମଲା ମଧ୍ୟ ରୁଜୁ କରିଥିଲେ। ରମେଶ ଚନ୍ଦ୍ର ବାରତାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ହସ୍ପିଟାଲର ଅନ୍ୟତମ ନିର୍ଦ୍ଦେଶକ ନିଶି ପ୍ରିୟଦର୍ଶିନୀ ଓ ତାଙ୍କ ସ୍ୱାମୀ ବଦ୍ରି ନାରାୟଣ ପାତ୍ର ଏବଂ ସଂଗ୍ରାମ କେଶରୀ ମହାନ୍ତିଙ୍କୁ ଗତ ୨୦୨୨ମସିହା ଅଗଷ୍ଟ ୧୧ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ପରେ ଗିରଫ ସମସ୍ତ ୩ଜଣ ମାନ୍ୟବର ହାଇକୋର୍ଟଙ୍କ ଠାରୁ ସର୍ତ୍ତମୂଳକ ଜାମୀନ ଆଣି ମୁକୁଳିଥିଲେ। ପରେ ଗିରଫ ନିର୍ଦ୍ଦେଶକ ନିଶି ପ୍ରିୟଦର୍ଶନୀ ନିଜ ବିରୋଧରେ ହୋଇଥିବା ମିଥ୍ୟା ମାମଲା ସମ୍ପର୍କରେ ତଥା ଅନ୍ୟତମ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ବାରତାଙ୍କ ବିରୁଦ୍ଧରେ ସ୍ଥାନୀୟ ଜେଏମଏଫସି କୋର୍ଟରେ ୱାନ ସିସି ବା ଏକ କମ୍ପ୍ଲେନ କେସ ରୁଜୁ କରିଥିଲେ। ନିଶି ତାଙ୍କ ବିରୁଦ୍ଧରେ ହୋଇଥିବା ଷଡଯନ୍ତ୍ର ଓ ମିଥ୍ୟା ତଥ୍ୟ ଦେଇ ହୋଇଥିବା ମାମଲା ଏବଂ ସମ୍ପତ୍ତିକୁ ହାତେଇବା ନେଇ ଉଦ୍ୟମ ସମ୍ପର୍କରେ ଅଭିଯୋଗ କରିଥିଲେ। ଏନେଇ ଆବଶ୍ୟକ ତଥ୍ୟ ଓ ପ୍ରମାଣ କୋର୍ଟରେ ଦାଖଲ କରିଥିଲେ। ନିଶିଙ୍କ ଦ୍ୱାରା ଦାଏର ମାମଲାର ଶୁଣାଣି କରି କୋର୍ଟ ଗତ ଅଗଷ୍ଟ ୧୮ ତାରିଖରେ ବିଚାରଣା ପାଇଁ ଗ୍ରହଣ କରିଥିଲେ। ଫଳରେ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ବାରତାଙ୍କ ବିରୁଦ୍ଧରେ ଦଫା ୪୦୬, ୪୧୭, ୪୧୮, ୪୧୯, ୪୨୦, ୪୬୭, ୪୬୮ ଓ ୫୦୦(୧୧) ଧାରାରେ ମାମଲା ରୁଜୁ ହୋଇଛି। ମାନ୍ୟବର କୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ବାରତାଙ୍କ ବିରୁଦ୍ଧରେ ଲାଗିଥିବା ଧାରାରେ ୧୦ବର୍ଷର ଦଣ୍ଡବିଧାନର ପ୍ରାବଧାନ ରହିଥିବାରୁ ତାଙ୍କୁ ଥାନାରୁ ଧାରା ୪୧ରେ ବ୍ୟକ୍ତିଗତ ମୁଚାଲିକାରେ ଛାଡିବା ସମ୍ଭବପର ନୁହେଁ। ଏହି ମାମଲା ରୁଜୁ ହେବା ପରେ ନିର୍ଦ୍ଦେଶକ ରମେଶ ବାରତା ନିଜେ ହାଜର ନହୋଇ ନିଜ ଓକିଲଙ୍କ ଜରିଆରେ ହାଜର ହେବାକୁ କୋର୍ଟରେ ଆବେଦନ କରିଥିଲେ। ତେବେ ମାମଲାର ଗୁରୁତ୍ୱ ଦୃଷ୍ଟିରୁ କୋର୍ଟ ରମେଶ ବାରତାଙ୍କ ଆବେଦନକୁ ଖାରଜ କରିଥିବା ଜଣାପଡ଼ିଛି। ଏବଂ ଆସନ୍ତା ଏପ୍ରିଲ ୨ତାରିଖରେ ବ୍ୟକ୍ତିଗତ ଭାବେ କୋର୍ଟରେ ହାଜର ହେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛି। ସେପଟେ ମିଥ୍ୟା ମାମଲା ଯୋଗୁଁ ଘଟଣାରେ ଗିରଫ ହୋଇ ଜାମୀନରେ ମୁକୁଳିଥିବା ସମସ୍ତ ୩ଜଣ ନିର୍ଦ୍ଦେଶକ ରମେଶ ବାରତାଙ୍କ ବିରୁଦ୍ଧରେ ୫କୋଟି ଲେଖାଏଁ ମୋଟ ୧୫କୋଟି ଟଙ୍କାର ମାନହାନୀ ମାମଲା ଦାଏର କରିଥିବା କହିଛନ୍ତି ଅଭିଯୋଗକାରିଣୀ ତଥା ଓଁ ଆରୋଗ୍ୟ ହସ୍ପିଟାଲର ଅନ୍ୟତମ ନିର୍ଦ୍ଦେଶିକା ନିଶି ପ୍ରିୟଦର୍ଶନୀ।

## ବରିଷ୍ଠ ଆଇନଜୀବୀ ମହମ୍ମଦ ତାଜ୍ ଆଦେନିଙ୍କ ବିୟୋଗରେ ଶୋକ

ବ୍ରହ୍ମପୁର, ୧।୩(ସମିସ): ଭଞ୍ଜନଗର ଓକିଲ ସଂଘର ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ମହମ୍ମଦ ତାଜ୍ ଆଦେନିଙ୍କ ବିୟୋଗରେ ରାଜ୍ୟ ଆଇନ ପରିଷଦ ସଦସ୍ୟ ସଞ୍ଜିତ କୁମାର ପାଣିଗ୍ରାହୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗତ ଆଦେନି ଜଣେ ପୁରୁଖା ରାଜନେତା, ସମାଜସେବୀ, ମେଳାପୀ ଓ ପରୋପକାରୀ ବ୍ୟକ୍ତି ଥିଲେ। ସେ ଭଞ୍ଜନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ପୂର୍ବତନ ଅଧ୍ୟକ୍ଷ ମଧ୍ୟ ଥିଲେ। ତାଙ୍କ ବିୟୋଗରେ ଚାରିଆଡ଼େ ଶୋକର ଛାୟା ଖେଳିଯାଇଛି।



## ● ନିଖୋଜ ନାବାଳିକା ଉଦ୍ଧାର
# ଅଭିଯୁକ୍ତ ଗିରଫ

**ଫିରିଙ୍ଗିଆ,୧।୩(ସମିସ):** କନ୍ଧମାମାଳ ଜିଲ୍ଲା ଗୋଚ୍ଛାପଡା ଥାନା ଅଞ୍ଚଳର ନିଖୋଜ ଥିବା ଜଣେ ନାବାଳିକାଙ୍କୁ ଉଦ୍ଧାର କରିଛି ପୁଲିସ। ନାବାଳିକାଙ୍କୁ ଅପହରଣ କରି ନେଇଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଜଣକ ହେଲେ ଗୋଚ୍ଛାପଡା ଥାନା ଅଞ୍ଚଳର ଝସକେତନ ସାହୁ(୧୮)। ସୂଚନା ଅନୁଯାୟୀ, ଅଭିଯୁକ୍ତ ଏବଂ ନାବାଳିକା ଜଣକ ବାଲନ୍ଦାପଡା କଲେଜରେ ପାଠ ପଢୁଥିଲେ। ଉଭୟଙ୍କ ମଧ୍ୟରେ ପ୍ରାୟ ଏକ ବର୍ଷ ଧରି ପ୍ରେମ ସମ୍ପର୍କ ରହିଥିଲା। କିଛି ଦିନ ତଳେ ନାବାଳିକା ବୌଦ୍ଧ ଜିଲ୍ଲା କଣ୍ଟାମାଳ ଅଞ୍ଚଳରେ ରହୁଥିବା ତାଙ୍କର ଜନୈକ ମାମୁଙ୍କ ଘରକୁ ବୁଲିବା ପାଇଁ ଯାଇଥିଲେ। ସେଠାରୁ ଅଭିଯୁକ୍ତ ତାଙ୍କୁ ନେଇଯାଇ ବାଙ୍ଗାଲୋର ଚାଲିଯାଇଥିଲା। ମାମୁ ଘର ଲୋକେ ଖୋଜାଖୋଜି କରି ନାବାଳିକାଙ୍କୁ ନ ପାଇବାରୁ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଗୋଚ୍ଛାପଡା ଥାନାରେ ଗତ ମାସ ୨୦ ତାରିଖରେ ଏତଲା ଦିଆ ଯାଇଥିଲା। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ଗୁରୁବାର ସମ୍ପୃକ୍ତ ନାବାଳିକାଙ୍କୁ ଅଭିଯୁକ୍ତର ନିଜ ଗ୍ରାମ ଗଦେଇପଦରରୁ ଉଦ୍ଧାର କରାଯାଇଛି। ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଭାତ କୁମାର ବେହେରା ସୂଚନା ଦେଇଛନ୍ତି।

# ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କ ମୃତ୍ୟୁ

**ପାରଳାଖେମୁଣ୍ଡି,୧।୩(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ପୋଡୁଣି ଗ୍ରାମ ଛକ ତଥା ଜାତୀୟ ରାଜପଥ ୩୨୬-ଏରେ ଗୁରୁବାର ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇଥିବା ବ୍ୟକ୍ତିଙ୍କ ଶୁକ୍ରବାର ଆନ୍ଧ୍ରର ଶ୍ରୀକାକୁଲମରେ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଉଲ୍ଲେଖିତ ଗ୍ରାମ ଛକ ନିକଟରେ ଉପଲଡା ଗ୍ରାମ ପଟରୁ ପାରଳାଖେମୁଣ୍ଡି ଆସୁଥିବା ଏକ ଅଟୋ ଏବଂ ପାରଳାଖେମୁଣ୍ଡି ସହରରୁ ଉପଲଡା ଗ୍ରାମ ଅଭିମୁଖେ ଯାଉଥିବା ଏକ ବୋଲେରୋ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଅଟୋଟି ଚୂରମାର ହୋଇଯାଇଥିବା ବେଳେ ଏଥିରେ ବସିଥିବା ଖର୍ଷଣ୍ଡା ଗ୍ରାମର ଡି.ସୀମାଞ୍ଚଳମ୍(୫୨)ଙ୍କ ସହ ଅନ୍ୟ ଦୁଇ ଯାତ୍ରୀ ଆହତ ହୋଇଥିଲେ। ସେମାନଙ୍କୁ ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ ସୀମାଞ୍ଚଳମଙ୍କ ସମେତ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଅଧିକ ଚିକିତ୍ସା ନିମନ୍ତେ ଆନ୍ଧ୍ରର ଶ୍ରୀକାକୁଲମସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ସୀମାଞ୍ଚଳମଙ୍କ ମୃତ୍ୟୁ ଘଟିଛି। ବୋଲେରୋ ଚାଳକ ଜଣକ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି।

# ଯୌତୁକ ନିର୍ଯାତନା ମାମଲା, ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର,୧।୩(ସମିସ): ଏକ ଯୌତୁକ ନିର୍ଯାତନା ମାମଲାର ବିଚାରଣା କରି ଜେଏମଏଫସି କୋର୍ଟ ବିଚାରପତି ଶିବାନୀ ମିଶ୍ର ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ଜଣେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ପୁରୁଣା ବ୍ରହ୍ମପୁର ଅଞ୍ଚଳର ସୀମାଞ୍ଚଳ ସାହୁ। ସୂଚନାଯୋଗ୍ୟ ଯେ, ସୀମାଞ୍ଚଳ ଆଜକୁ ୧୦ବର୍ଷ ପୂର୍ବେ ଝୁନୁ ସାହୁଙ୍କୁ ବିବାହ କରିଥିଲେ। ଉଭୟଙ୍କ ଏକ ସନ୍ତାନ ରହିଥିଲା। ହେଲେ ସୀମାଞ୍ଚଳ ଅଧିକ ଯୌତୁକ ଦାବି କରି ଝୁନୁଙ୍କୁ ମାଡ ମାରୁଥିଲେ ବୋଲି ୨୦୧୫ରେ ମହିଳା ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ପରେ ସୀମାଞ୍ଚଳଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମାମଲାର ବିଚାରଣା ବେଳେ ୫ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ କୋର୍ଟ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ମୁଦୁଲାଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ ଶତପଥି ମକଦ୍ଦମା ପରିଚାଳନା କରୁଥିଲେ।

# ମୁଖ୍ୟ ରାସ୍ତାରେ ମଦପ୍ୟଙ୍କ ଲଙ୍କାକାଣ୍ଡ

ଗୋଷାଣି, ୧।୩ (ସମିସ) : ଗଜପତି ଜିଲ୍ଲା ଗୁରାଣ୍ଡି ଗ୍ରାମରେ ଥିବା ଏକ ବିଦେଶୀ ଠିପି ବନ୍ଦ ମଦ ଦୋକାନ ସମ୍ମୁଖସ୍ଥ ପୂର୍ତ୍ତବିଭାଗ ମୁଖ୍ୟ ରାସ୍ତା ଉପରେ ମଦପ୍ୟମାନେ ଲଙ୍କାକାଣ୍ଡ ଭିଆଇଛନ୍ତି । ଦୁଇ ଯୁବ ଗୋଷ୍ଠୀଙ୍କ ମଧ୍ୟରେ ମାରପିଟା ହେବା ସହ ପରସ୍ପର ମଧ୍ୟରେ ମଦ ବୋତଲ ଫିଙ୍ଗାଫିଙ୍ଗି ଚାଲିଥିଲା । ପ୍ରାୟ ଏକ ଘଣ୍ଟା ରୁ ଉର୍ଦ୍ଧ ସମୟ ପର୍ଯ୍ୟନ୍ତ ଏପରି ମାରପିଟ, ମଦ ବୋତଲ ଫିଙ୍ଗା ଫିଙ୍ଗି ହେଉଥିଲା । ଫଳରେ ମୁଖ୍ୟରାସ୍ତାରେ ଯାତାୟତ କରୁଥିବା ପଥଚାରୀ ମାନେ ଏପରି ଏକ ଗୋଷ୍ଠୀ ଗଣ୍ଡୋଗଲ ତା ମଦୁଆମାନଙ୍କ ଲଙ୍କାକାଣ୍ଡରେ ଭୟଭିତ ହୋଇ ଏକ ଘଣ୍ଟା ଧରି ଉଭୟ ପାର୍ଶ୍ୱରେ ଅଟକି ର ରହିଥିଲେ। ମାତ୍ର ଅଧା କିମି ଦୂରରେ ଗୁରାଣ୍ଡି ଥାନା ରହିଥିଲେ ମଧ୍ୟ ପୁଲିସ ଘଟଣାସ୍ଥଳରେ ଖବର ଲେଖା ହେବା ପର୍ଯ୍ୟନ୍ତ ପହଞ୍ଚି ନାହିଁ ।

# ଭାଗବତ ସପ୍ତାହ ଅନୁଷ୍ଠିତ

**ଭଞ୍ଜନଗର,୧।୩(ସମିସ):** ଭଞ୍ଜନଗରସ୍ଥିତ କନ୍ୟେକା ପରମେଶ୍ୱରୀ ମନ୍ଦିରରେ ଭାଗବତ କଥାମୃତ ପ୍ରବଚନ ଅନୁଷ୍ଠିତ ହୋଇଯାଇଛି। ଗତ ୨୨ରୁ ୨୯ ତାରିଖ ପର୍ଯ୍ୟନ୍ତ ସାତଦିନ ଧରି ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଭାଗବତ ପ୍ରବକ୍ତା ଭାବେ ଶ୍ରୀକୃଷ୍ଣ ଚୈତନ୍ୟ ମିଶନ କୁଲାଡର ପରମ ପୂଜ୍ୟପାଦ ତ୍ରିଦଣ୍ଡି ସ୍ୱାମୀ ଭକ୍ତି ଶରଣ ପରମାର୍ଥି ମହାରାଜ କଥାବ୍ୟାସ ଭାବେ ଭାଗବତ କଥାମୃତ ଶୁଣାଇଥିଲେ। ଅଧିବାସ ଦିନ ବୃନ୍ଦାବନ, ମାୟାପୁର, ପୁରୀରୁ ମହାରାଜମାନେ ଯୋଗଦେଇ ବିରାଟ ଶୋଭାଯାତ୍ରାରେ ନଗର ସଂକୀର୍ତ୍ତନ କରି ହରିନାମ ପ୍ରଚାର କରିଥିଲେ। ପ୍ରତ୍ୟହ ସନ୍ଧ୍ୟା ସମୟରେ ଭଜନ ଭଗବତ କଥା, ସଂକୀର୍ତ୍ତନ ଓ ପ୍ରସାଦ ସେବନ କରାଯାଇଥିଲା। ଅନ୍ତିମ ଦିନ ଶ୍ରୀକୃଷ୍ଣଙ୍କ ଗୋବର୍ଦ୍ଧନ ଉତ୍ସବ ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୫୧ ପ୍ରକାର ବ୍ୟଞ୍ଜନ ଭୋଗ ହୋଇଥିଲା। ଅନ୍ୟ ବୈଷ୍ଣବ ମଧ୍ୟରେ ଶ୍ୟାମାନନ୍ଦ ଦାସ, ଜଗତ ଜୀବନ ଦାସ, ସୁବାସ ଦାସ, ଘନଶ୍ୟାମ ଦାସ, ପତିତପାବନ ଦାସ ଓ ଆଶ୍ରମର ଅନ୍ୟ ଭକ୍ତମାନେ ପ୍ରବଚନରେ ଯୋଗଦେଇ ଭଜନ ଓ ସଂକୀର୍ତ୍ତନରେ ଅଂଶଗ୍ରହଣ କରିଥିଲେ। ପ୍ରତିଦିନ ଏହି କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିବାବେଳେ ବିପଦର ବନ୍ଧୁ ଅନୁଷ୍ଠାନର ସଦସ୍ୟମାନେ ସହଯୋଗ କରିଥିଲେ।

## ସୁରାଟ ଯୁବକଙ୍କୁ ପୋଲସରାରେ ହତ୍ୟା ଘଟଣା
# ମାଷ୍ଟରମାଇଣ୍ଡ ସହ ସହଯୋଗୀ ଗିରଫ

ପୋଲସରା,୧।୩(ସମିସ)



ଗତ ୨୬ତାରିଖରେ ପୋଲସରା ସହର ବଜାରସାହି ଛକ ନିକଟ ଏକ ବନ୍ଦ କୋଠରୀରେ ହୋଇଥିବା ହତ୍ୟାକାଣ୍ଡର ପର୍ଦ୍ଦାଫାସ୍ କରିଛି ପୁଲିସ। ମଦ ବ୍ୟବସାୟ ଏବଂ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏଭଳି ହତ୍ୟାକାଣ୍ଡ ଘଟିଥିବା ପୁଲିସ କହିଛି। ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ସୂର୍ଯ୍ୟ କୁମାର ସାହୁ ଓ ତାର ସହଯୋଗୀ ଗୌରୀ ପ୍ରଧାନଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଙ୍କ ଠାରୁ ବନ୍ଧୁକ ସହ ୩ଟି ଗୁଳି ଓ ଧାରୁଆ ଖଣ୍ଡା ଜବତ ହୋଇଥିବା ପୁରୁଷୋତ୍ତମପୁର ଏସଡିପିଓ ରଜନୀକାନ୍ତ ସାମଲ କହିଛନ୍ତି। ପୋଲିସର ସୂଚନା ପ୍ରକାରେ ମୃତ ହେମନ୍ତ ସିଂ ଗୋହିଲ୍ ସୁରାଟ ସହରରେ ବେଆଇନ ଚୋରା ମଦ ବ୍ୟବସାୟ କରି ଆସୁଥିଲେ। ଏପରିକି ସୁରାଟ ଏବଂ ଗଞ୍ଜାମ ଜିଲ୍ଲାରେ ବହୁ ଅପରାଧିକ ମାମଲାରେ ସଂପୃକ୍ତ ଥାଇ ନିଜର ମଦ ବ୍ୟବସାୟରେ ଲିପ୍ତ ଥିଲେ। ଇତି ମଧ୍ୟରେ ପୋଲସରାର ଦୁଇ ଅଭିଯୁକ୍ତ ସୂର୍ଯ୍ୟ ସାହୁ ଓ ଗୌରୀ ପ୍ରଧାନ ମୃତ ହେମନ୍ତ ସିଂ ଗୋହିଲ୍ ସହିତ ସୁରାଟରେ ମଦ କାରବାରରେ ସାମିଲ ଥିଲେ। ଏପରିକି ବ୍ୟବସାୟ କ୍ଷେତ୍ରରେ ଲକ୍ଷଲକ୍ଷ ଟଙ୍କା କାରବାର ନେଇ ବହୁବାର ସେମାନଙ୍କ ମଧ୍ୟରେ ମାର୍ ପିଟ୍ ଗଣ୍ଡଗୋଳ ଭଳି ଘଟଣା ଘଟିଥିଲା। ଯାହାକୁ ନେଇ ସେମାନଙ୍କ ମଧ୍ୟରେ ଛକ୍କାପଞ୍ଝା ଲାଗି ରହିଥିଲା। ଇତି ମଧ୍ୟରେ ସୁରାଟରୁ ସୂର୍ଯ୍ୟ ଓ ତାର ସହଯୋଗୀ ଗୌରୀ ପୋଲସରାକୁ ଆସି ଲୁଚି ରହିଥିଲେ। ତାଙ୍କ ପିଛା କରି ହେମନ୍ତ ସିଂ ଗୋହିଲ ସୁରାଟରୁ ପୋଲସରାକୁ ଆସି ଉଭୟଙ୍କ ଉପରେ ନଜର ରଖିଥିଲା। ଯାହାକୁ ନେଇ ପ୍ରତିଶୋଧ ପରାୟଣ ହୋଇ ହେମନ୍ତ ସିଂଙ୍କୁ ଉଭୟେ ସୂର୍ଯ୍ୟ ଓ ଗୌରୀ ପ୍ରଥମେ ବନ୍ଧୁକ ଓ ପରେ ଏକ ଧାରୁଆ ଅସ୍ତ୍ରରେ ହତ୍ୟା କରିଥିଲେ। ଏନେଇ ପୋଲସରା ଥାନାରେ କେସ୍ ନଂ୧୪୫/୨୪ ରେ ମାମଲା ରୁଜୁ କରାଯାଇ ହତ୍ୟାକାଣ୍ଡର ମାଷ୍ଟର ମାଇଣ୍ଡ ସୂର୍ଯ୍ୟ ଓ ଗୌରୀଙ୍କୁ ପୁଲିସ ଗିରଫ କରିଛି।

# ବଦାପାଜୁରେ ବିଏସ୍ଏଫ୍ ଶିବିର ଉଦ୍‌ଘାଟିତ

**ଫିରିଙ୍ଗିଆ,୧।୩(ସମିସ):** ମାଓ ଅଧ୍ୟୁଷିତ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡା ଥାନା ଅନ୍ତର୍ଗତ ସଲାଗୁଡା ପଞ୍ଚାୟତର ବଦାପାଜୁରେ ସୀମା ସୁରକ୍ଷା ବଳ(ବିଏସଏଫ) ତରଫରୁ ଏକ ନୂତନ କ୍ୟାମ୍ପ ସ୍ଥାପନ କରାଯାଇଛି। ଏ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ବିଏସଏଫ ୯୯ ବାଟାଲିୟନର କମାଣ୍ଡାଣ୍ଟ ସଞ୍ଜୀବ କୁମାର, କନ୍ଧମାଳ ଏସପି ଶୁଭେନ୍ଦୁ କୁମାର ପାତ୍ର, ସହକାରୀ କମାଣ୍ଡାଣ୍ଟ ଆଶୀଷ କୁମାର ସରକାର, ରଞ୍ଜିତ କୁମାର ଦାସ, ଡେପୁଟି କମାଣ୍ଡାଣ୍ଟ ଭାରତ ସିଂ ପାଲ, ଇନ୍ସପେକ୍ଟର ଜିତେନ୍ଦ୍ର କୁମାର ଯୋଗ ଦେଇଥିଲେ। ଏହି ନୂତନ କ୍ୟାମ୍ପର ସ୍ଥାପନ ଦ୍ୱାରା ଏହି ଅଞ୍ଚଳରେ ସରକାରୀ ଯୋଜନା ସୁବିଧାରେ ପହଞ୍ଚି ପାରିବା ସହ ବିକାଶ ତ୍ୱରାନ୍ୱିତ ହୋଇପାରିବ ବୋଲି ଏ ଅବସରରେ ଆରକ୍ଷୀ ଅଧୀକ୍ଷକ ଶ୍ରୀ ପାତ୍ର କହିଥିଲେ। ସେହିଭଳି ବିଏସଏଫର ଉପସ୍ଥିତି ସ୍ଥାନୀୟ ଅଞ୍ଚଳରେ ମାଓ ଗତିବିଧିକୁ ପ୍ରତିହତ କରିବାରେ ସହାୟକ ହେବ ବୋଲି ବିଏସଏଫ କମାଣ୍ଡାଣ୍ଟ ସଞ୍ଜୀବ କୁମାର କହିଥିଲେ। କାର୍ଯ୍ୟକ୍ରମ ଅବସରରେ ବଦାପାଜୁ, ସାଲେଣୀ, ଜଲାପଦର, ସଲାଗୁଡା, ନେଡିପଦର, ବକେପାଙ୍ଗା ଗ୍ରାମବାସୀଙ୍କୁ ଘରକରଣା ସାମଗ୍ରୀ, ଶୀତବସ୍ତ୍ର, ପୋଷାକ, ଔଷଧ ଓ ପିଲାମାନଙ୍କୁ ଖେଳ ସାମଗ୍ରୀ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ୱାର୍ଡସଭ୍ୟ ପୁଷ୍ପଲତା କହଁର, ପୂର୍ବତନ ୱାର୍ଡସଭ୍ୟ ତରୁଣ କହଁରଙ୍କ ସମେତ ବିଏସଏଫ ଓ ଏସଓଜି ଯବାନ ଏବଂ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ।



## ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ କାୟାକଳ୍ପ ଟିମ୍
# ଗଣମାଧ୍ୟମ ପ୍ରତିନିଧିଙ୍କୁ ମେଡ଼ିକାଲ ମନା

**ଶେରଗଡ଼,୧।୩(ସମିସ):** ରାଜ୍ୟରେ ଥିବା ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ୱଚ୍ଛ, ସୁନ୍ଦର ରଖିବା ଏବଂ ସମସ୍ୟା ବିଷୟରେ ସରକାରଙ୍କୁ ଅବଗତ କରିବାକୁ ରାଜ୍ୟ ସରକାର ମେଡ଼ିକାଲ ଗୁଡିକୁ ସ୍ୱଚ୍ଛ, ସୁନ୍ଦର, ସବୁ ପରେ ବିଭିନ୍ନ ବିଭାଗର ଉନ୍ନତି ନିମନ୍ତେ ୨୦୧୫-୧୬ରେ ଏକ ଟିମ ଗଠନ କରିଥିଲେ। ଯାହାର ନାମ ରଖିଥିଲେ କାୟାକଳ୍ପ। ଏହି ଟିମର କାର୍ଯ୍ୟ ହେଲା ପ୍ରତ୍ୟେକ ସ୍ୱାସ୍ଥ୍ୟ କେନ୍ଦ୍ର ପରିଭ୍ରମଣ କରି ମେଡ଼ିକାଲର ଭିତ୍ତିଭୂମି ବୁଲି ଦେଖିବା ସହ ବିଭିନ୍ନ ବିଭାଗର ରେକର୍ଡ ପତ୍ର ଯାଞ୍ଚ କରିବେ। ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଉ କଣ କଲେ ସାଧାରଣ ଜନତା ଉନ୍ନତ ମାନର ସେବା ପାଇପାରିବେ, ଏହି ବାର୍ତ୍ତା କୁ ନେଇ ସରକାରଙ୍କ ନିକଟରେ ପହଞ୍ଚାଇବା ହେଉଛି ଏହି କାୟାକଳ୍ପ ଟିମର ମୁଖ୍ୟ ଉଦ୍ଦେଶ୍ୟ। ଏହି କ୍ରମରେ ଶୁକ୍ରବାର କାୟାକଳ୍ପ ଟିମ୍ ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ହେଲେ ଦୁର୍ଭାଗ୍ୟର ବିଷୟ ସମ୍ବିଧାନର ଚତୁର୍ଥ ସ୍ତମ୍ଭ କୁହାଯାଉଥିବା ବା ସରକାର ଏବଂ ସାଧାରଣ ଜନତାଙ୍କ ମଝିରେ ସେତୁ ଭଳି କାର୍ଯ୍ୟ କରୁଥିବା ଗଣମାଧ୍ୟମକୁ କାୟାକଳ୍ପ ଟିମର ପରିଦର୍ଶନ ସମୟରେ ପ୍ରବେଶକୁ ବାରଣ କରାଯାଇଥିଲା। ପ୍ରକାଶ ଥାଉକି, ଗୁରୁବାର ଏହି କାୟାକଳ୍ପ ଟିମ କବିସୂର୍ଯ୍ୟନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ ସମୟରେ ସ୍ଥାନୀୟ ଲୋକେ ମେଡିକାଲର ସମସ୍ୟା ନେଇ ହୋହାଲ୍ଲା କରିଥିଲେ। ତାକୁ ଆଧାର କରି ଶୁକ୍ରବାର ଶେରଗଡ ଗଣମାଧ୍ୟମକୁ ମନା କରିଛନ୍ତି କାୟାକଳ୍ପ ଟିମ।

# ୬୪ ୟୁନିଟ ରକ୍ତ ସଂଗ୍ରହ



**ସାନଖେମୁଣ୍ଡି,୧।୩(ସମିସ):** ଓସ୍କାଡ଼ ବ୍ୟାଙ୍କର ପୂର୍ବତନ ସଭାପତି ଯୋଗେନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ରାଧାଦେଇପୁର ପଞ୍ଚାୟତ ଅନ୍ତର୍ଗତ ଉପ୍ପା ଜଗନ୍ନାଥ ପୁର ଠାରେ ଓଡିଶା ମୋ ପରିବାର ଜୀବନ ବିନ୍ଦୁ ଅନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଯୋଗେନ୍ଦ୍ର ସ୍ୱାଇଁ ଏବଂ ତାଙ୍କ ସହଧର୍ମିଣୀ ଜୟଶ୍ରୀ ସ୍ୱାଇଁଙ୍କ ବିବାହ ବାର୍ଷିକ ଉପଲକ୍ଷେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୬୪ ଜଣ ରକ୍ତଦାନ କରିଥିଲେ। ଛାତ୍ର ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ସୁନୀଲ ଗୌଡ଼, ଜିଲ୍ଲା ସମ୍ପାଦକ ଧିରେନ କୁମାର ରଣା, ଛାତ୍ର ନେତା କାଳୁ ଚରଣ ନାହକ, ଗୌରୀ ଶଙ୍କର ତ୍ରିପାଠୀ, ଯୁବନେତା ମିଥୁନ ସେଠୀ, ମିଥୁନ ଦାସ, ସୁକୁମାର ପାତ୍ର, ସନ୍ତୋଷ ପ୍ରଧାନ, ବଳରାମ, ସିମାଞ୍ଚଳ ସେଠୀ, ଶିବ ପ୍ରଧାନ ପ୍ରମୁଖ ରକ୍ତଦାନ କରିବା ସହ ଶିବିର ସଂଯୋଜନା କରିଥିଲେ। ବ୍ରହ୍ମପୁର ରକ୍ତ ଭଣ୍ଡାର କର୍ମକର୍ତ୍ତା ଉପସ୍ଥିତ ରହି ରକ୍ତ ସଂଗ୍ରହ କରିବା ସହ ବରିଷ୍ଠ ବିଜେଡି ନେତା କୈଳାସ ପାତ୍ର, କେ.ଭେଙ୍କଟି, ବ୍ଲକ ଉପାଧ୍ୟକ୍ଷ ପ୍ରତିନିଧି ସଞ୍ଜୟ ନାୟକ, ସରପଞ୍ଚ ଅଜୟ ଦାସ, ଶିବ ପ୍ରଧାନ, ସମିତିସଭ୍ୟ ନୀଳାଞ୍ଚଳ ପ୍ରଧାନ, ଦନାର୍ଦ୍ଦନ ପୋଲାଇ, ସଂଗ୍ରାମ ବିଶୋଇଙ୍କ ସମେତ ଅନ୍ୟାନ୍ୟ ଲୋକ ପ୍ରତିନିଧି ଉପସ୍ଥିତ ଥିଲେ।

# ଆହତଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ନେଲେ ସରପଞ୍ଚ

**ମୋହନା,୧।୩(ସମିସ):** ସରପଞ୍ଚ ହେବ ତ ଏମିତି। ମାନବିକତା ଦେଖାଇ ରାସ୍ତାରେ ପଡ଼ିଥିବା ଜଣେ ଗୁରୁତର ଆହତ ବ୍ୟକ୍ତିଙ୍କୁ ଉଠାଇ ନିଜ ଗାଡ଼ିରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଲେ। ଏଭଳି ଘଟଣା ଘଟିଛି ଗଜପତି ଜିଲ୍ଲା ମୋହନା ଥାନା ଚାନ୍ଦିପୁଟ ହାଟପଦାରେ। ଶୁକ୍ରବାର ଲିଏବ ଗ୍ରାମରୁ ଭୋଜି ଖାଇ ଢେପାଗୁଡା ଗାଁର ସରସ ଦଳବେହେରା ନିଜ ବାଇକ୍‌ରେ ଗ୍ରାମକୁ ଫେରୁଥିବା ବେଳେ ଚାନ୍ଦିପୁଟ ହାଟପଦା ନିକଟରେ ଏକ ହାଇୱା ବାଇକ୍‌କୁ ଧକ୍କା ଦେଇ ଚାଲିଯାଇଥିଲା।



ଘଟଣାସ୍ଥଳରେ ରାସ୍ତାରେ ଛଟପଟ ହୋଇ ସରସ ପଡ଼ିଥିବା ବେଳେ ଢେପାଗୁଡା ସରପଞ୍ଚ ସୁନୀଲ କୁମାର ରାଇକା ସେଇ ରାସ୍ତାରେ ନିଜ ଗାଡ଼ିରେ ଫେରୁଥିଲେ। ଆହତଙ୍କୁ ନିଜ ଗାଡ଼ିରେ ବସାଇ ଡାକ୍ତରଖାନା ଆଣିଥିଲେ ସରପଞ୍ଚ। ତାଙ୍କର ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## ● ଜିଲ୍ଲା କୋର୍ଟଙ୍କ ରାୟ
# ଆଛୁଲି ସମିତିସଭ୍ୟା ପଦ ବଳବତ୍ତର

**ପୁରୁଷୋତ୍ତମପୁର,୧।୩(ସମିସ):** ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ଆଛୁଲି ପଞ୍ଚାୟତ ରାଜନୀତି ଘଡ଼ିକେ ଘୋଡ଼ା ଛୁଟୁଛି। ଏହି ପଞ୍ଚାୟତର ସମିତି ସଭ୍ୟା ପ୍ରାର୍ଥୀ ପଦକୁ ନେଇ ମାମଲା କୋର୍ଟରେ ରହିଛି। ଛତ୍ରପୁର ସିନିୟର୍ ସିଭିଲ ଜଜ୍ ଗତବର୍ଷ ଅଗଷ୍ଟ ୩୦ତାରିଖରେ ଆଛୁଲି ସମିତି ସଭ୍ୟା ବିନୋଦିନୀ ପଣ୍ଡାଙ୍କ ପଦବୀକୁ ରଦ୍ଦ କରିଦେଇଥିଲେ। ଏହି ମାମଲାକୁ ନେଇ ବିନୋଦିନୀ ଅତିରିକ୍ତ ଜିଲ୍ଲା ଜଜଙ୍କ କୋର୍ଟରେ ଆବେଦନ କରିଥିଲେ। କୋର୍ଟ ଏହି ମାମଲା ଉପରେ ରହିତାଦେଶ ଜାରି କରିଥିଲେ।୨୦୨୨ ଫେବୃୟାରୀ ମାସରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହୋଇଥିବାବେଳେ ଆଛୁଲି ସମିତି ସଭ୍ୟ ପଦବୀଟି ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିଲା। ନିର୍ମଳା ନାହାକ ଓ ବିନୋଦିନୀ ପଣ୍ଡା ପ୍ରାର୍ଥିପତ୍ର ଦାଖଲ କରିଥିଲେ। ପରବର୍ତ୍ତୀ ସମୟରେ ନିର୍ମଳାଙ୍କ ପାର୍ଥିପତ୍ରରେ ଭୁଲ୍ ଥିବା ଦର୍ଶାଇ ବ୍ଲକ୍ ନିର୍ବାଚନ ଅଧିକାରୀ ନାକଚ କରିଦେଇଥିଲେ। ନିର୍ବାଚନ ଫଳାଫଳ ଘୋଷଣା ଅନୁସାରେ ବିନୋଦିନୀ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ନିର୍ମଳା ଏହାକୁ ନେଇ ଛତ୍ରପୁର ସିନିୟର୍ ସିଭିଲ୍ ଜର୍ଜ କୋର୍ଟରେ ଏକ ନିର୍ବାଚନୀ ମାମଲା ରୁଜୁ କରିଥିଲେ। କୋର୍ଟ ଏହାକୁ ଗ୍ରହଣ କରି ଗତବର୍ଷ ଅଗଷ୍ଟ ୩୦ତାରିଖରେ ଆଛୁଲି ସମିତି ସଭ୍ୟ ନିର୍ବାଚନ ପଦକୁ ଅସିଦ୍ଧ ଘୋଷଣା କରିଥିଲେ। ଏହି ରାୟ ଉପରେ ଅସହମତି ପ୍ରକାଶ କରି ଶ୍ରୀମତୀ ପଣ୍ଡା ଅତିରିକ୍ତ ଜିଲ୍ଲାଜର୍ଜଙ୍କ କୋର୍ଟଙ୍କ ଆଶ୍ରୟ ନେଇଥିଲେ। ଆବେଦନ ରେ ଶ୍ରୀମତୀ ପଣ୍ଡା ନିର୍ମଳା ନାହାକ, ଗଞ୍ଜାମ ଜିଲ୍ଲାପାଳ, ପୁରୁଷୋତ୍ତମପୁର ବିଡ଼ିଓଙ୍କୁ ପକ୍ଷଭୁକ୍ତ କରିଥିଲେ। ଅତିରିକ୍ତ ଜିଲ୍ଲା ଜଜ୍ ଛତ୍ରପୁର ବିନୋଦିନୀ ପଣ୍ଡାଙ୍କ ସମିତି ସଭ୍ୟା ପଦବୀ ବଳବତ୍ତର ନିମନ୍ତେ ଗତମାସ ୧୯ ତାରିଖରେ ରାୟ ପ୍ରକାଶ କରିଥିଲେ। ବିନୋଦିନୀଙ୍କ ପକ୍ଷରୁ ଆଇନଜୀବୀ ଦେବେନ୍ଦ୍ର ମିଶ୍ର ମାମଲା ପରିଚାଳନା କରିଥିଲେ।

# ଆମ ବ୍ୟାଙ୍କ ସେବା ଲୋକାର୍ପିତ

**ଚକାପାଦ,୧।୨(ସମିସ):** ଚକାପାଦ ବ୍ଲକ ବସ୍ତିଙ୍ଗିଆ ପଞ୍ଚାୟତ ପରିସରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆମ ବ୍ୟାଙ୍କ ସେବା ଲୋକାର୍ପିତ ହୋଇଯାଇଛି। ଏଥିରେ ସ୍ଥାନୀୟ ସରପଞ୍ଚ ଚିରଞ୍ଜିବୀ କହଁର ଅଧ୍ୟକ୍ଷତା କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ନଳିନୀ କହଁର, ମୁଖ୍ୟବକ୍ତା ଭାବେ ଟିକାବାଲି ଷ୍ଟେଟବ୍ୟାଙ୍କ ପରିଚାଳକ ସୁଶାନ୍ତ କୁମାର ପ୍ରଧାନ, ସମିତିସଭ୍ୟ ଶ୍ରୀଦେବୀ କହଁର, କାର୍ଯ୍ୟନିର୍ବାହୀ ଅଧିକାରୀ ଦୈତାରୀ ପ୍ରଧାନ ଓ କନିଷ୍ଠ ଯନ୍ତ୍ରୀ ଜିତପାଟ ମାଝୀ, ପ୍ରଦ୍ୟୁମ୍ନ ଦିଗାଲ ଯୋଗ ଦେଇଥିଲେ। ସମସ୍ତ ୱାର୍ଡ ସଭ୍ୟ ତଥା ମିଶନ ଶକ୍ତି ମହିଳା, ସିଆରପି, ପଞ୍ଚାୟତ ବାସିନ୍ଦା ଉପସ୍ଥିତ ଥିଲେ।

## ମା' ରାମଚଣ୍ଡୀଙ୍କ ମନ୍ଦିର ପ୍ରତିଷ୍ଠା ବାର୍ଷିକ ଉତ୍ସବ
# ବାଘନାଚ ଓ ଓଡ଼ିଶୀ ନୃତ୍ୟରେ ଝୁମିଲେ ଦର୍ଶକ



ଛତ୍ରପୁର/ଗଞ୍ଜାମ,୧।୩(ସମିସ)

ଛତ୍ରପୁର ଉପକଣ୍ଠ ଗଞ୍ଜାମ ବ୍ଲକ ଅନ୍ତର୍ଗତ କରପଡ଼ା ପଞ୍ଚାୟତର ନୀଳାଦ୍ରିପୁର ଗ୍ରାମ ନିକଟରେ ଥିବା ପାହାଡ଼ରେ ପ୍ରସିଦ୍ଧ ଶକ୍ତି ପୀଠ ମା' ରାମଚଣ୍ଡୀ ମନ୍ଦିରର ନୂତନ ମନ୍ଦିର ପ୍ରତିଷ୍ଠାର ପ୍ରଥମ ବାର୍ଷିକ ଉତ୍ସବ ଓ ରାମଚଣ୍ଡୀ ମହୋତ୍ସବ ଶୁକ୍ରବାର ଉଦ୍‌ଘାଟନ ହୋଇଯାଇଛି। ଏହି ଅବସରରେ ନାମ ଯଜ୍ଞ, ଘୃତ ଯଜ୍ଞ ଓ ଅନ୍ନ ଯଜ୍ଞ ଅନୁଷ୍ଠିତ ହେବା ସହ ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଯାଇଛି। ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ସ୍ଥାନୀୟ କଳାକାରଙ୍କୁ ଉତ୍ସାହିତ କରିଥିଲେ। କଣ୍ଠଶିଳ୍ପୀ ରୋନାଲିଶା ନାୟକ, ଗଣେଶ ପଟ୍ଟନାୟକ ଓ ଚନ୍ଦନ ଗନ୍ତାୟତ ସଙ୍ଗୀତ ପରିବେଷଣ କରିଥିଲେ। ମନ୍ଦିର ଟ୍ରଷ୍ଟ ସଦସ୍ୟ କାଶୀନାଥ ବ୍ରହ୍ମା, ଲକ୍ଷ୍ମୀନୃସିଂହ ପଣ୍ଡା, ମଞ୍ଜୁଳା ପଣ୍ଡା, ମନ୍ଦିର କମିଟି ସଭାପତି ପ୍ରଶାନ୍ତ ନାୟକ, ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା, କାର୍ଯ୍ୟକାରୀ ସଭାପତି ବସନ୍ତ କୁମାର ମହାରଣା, ଉପସଭାପତି କ୍ଷୀରୋଦ ସାହୁ, ଉପଦେଷ୍ଟା ରବୀନ୍ଦ୍ର ନାଥ ପଣ୍ଡା, ସଂଯୋଜକ କମଳ ପଣ୍ଡା, ଯୁଗ୍ମ ସମ୍ପାଦକ ପ୍ରମୋଦ ସାହୁ, ଶତ୍ରୁଘନ ମହାଙ୍କୁଡ, ସରପଞ୍ଚ ଅଜୟ ନାୟକ, ଟୁଲୁ ପଣ୍ଡା, କ୍ୟାଡର ଏପିପି ରାଜେଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାରେ ବାଘନାଚ, ଓଡ଼ିଶୀ ନୃତ୍ୟରେ ଦର୍ଶକ ଝୁମିଥିଲେ।

## ● ଭାଇ-ଭଉଣୀ କଳି
# ପୁଲିସ ଗାଡ଼ି ଉପରକୁ ବୋମାମାଡ଼

**ଖଲ୍ଲିକୋଟ,୧।୩(ସମିସ):** ଖଲ୍ଲିକୋଟ ଏନ୍ଏସି ଅନ୍ତର୍ଗତ ନୂଆଁ ଫାସୁଲା ଗ୍ରାମରେ ଭାଇ ଭଉଣୀ ଝଗଡ଼ାରୁ ପୁଲିସ ଗାଡ଼ି ଉପରକୁ ବୋମାମାଡ଼ ହୋଇଛି। ତେବେ ଗାଡ଼ି ଉପରେ ନ ପଡ଼ି ପାଖରେ ବୋମା ପଡ଼ି ଥିବାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ପୁଲିସ କର୍ମଚାରୀ। ପୁଲିସ ଗାଡ଼ିକୁ ଲକ୍ଷ୍ୟ କରି ୪ଟି ବୋମାମାଡ଼ ହୋଇଥିବା ସୂଚନା ମିଳିଛି। ପରେ ପୁଲିସ ଘର ବାରିପଟୁ ୫ଟି ଜୀବନ୍ତ ବୋମା ଜବତ କରିଛି। ବେଆଇନ ବୋମା ରଖିଥିବା ଅଭିଯୋଗରେ ପୁଲିସ ଅଭିଯୁକ୍ତଙ୍କ ବାପାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

**ବାପା ଗିରଫ; ୫ଟି ବୋମା ଜବତ**

ସୂଚନାନୁସାରେ ନୂଆଁ ଫାସୁଲା ଗ୍ରାମର ଜି. ଜୟ ରାଉଳଙ୍କ ଘରେ ଭାଇ ଭଉଣୀଙ୍କ ମଧ୍ୟରେ ନିୟମିତ ଝଗଡ଼ା ଲାଗେ। ତେବେ ଗୁରୁବାର ରାତି ୯ଟାରେ ଝଗଡ଼ା ଉଗ୍ର ରୂପ ନେଇଥିଲା। ଯାହାକୁ ନେଇ ଭାଇ କାଳିଆ ରାଉଳ ଭଉଣୀକୁ ନିର୍ଦ୍ଧୁମ ମାଡ଼ ମାରିଥିଲା। ଏହା ଦେଖି ଭଉଣୀର ପୁଅ ଅର୍ଥାତ ଜି. ଜୟ ରାଉଳଙ୍କ ନାତି ରାଜା ରାଉଳ ସହାୟତା ପାଇଁ ୧୧୨କୁ ଫୋନ କରିଥିଲେ। ଫୋନ କଲରେ ଅଭିଯୋଗ ପାଇ ଖଲ୍ଲିକୋଟ ଥାନା ଅଧିକାରୀ ନରେଶ କୁମାର ସାହୁଙ୍କ ନିର୍ଦ୍ଦେଶରେ ଏଏସଆଇ ଅନୀଲ ଶବରଙ୍କ ନେତୃତ୍ୱରେ ପୁଲିସ ଟିମ୍ ଗାଁରେ ପହଞ୍ଚିଥିଲେ। ତେବେ ପୁଲିସ ଘର ସାମନାରେ ଗାଡ଼ି ରଖି ଅଭିଯୋଗ ସମ୍ପର୍କରେ ପଚାରି ବୁଝିବା ବେଳେ ଅଭିଯୁକ୍ତ କାଳିଆ ପୁଲିସ ଗାଡ଼ିକୁ ଲକ୍ଷ୍ୟ କରି ବୋମାମାଡ଼ କରିଥିଲା। ଲଗାତାର ୪ଟି ବୋମା ବିସ୍ଫୋରଣ ହେବାରୁ ଭୟଭୀତ ହୋଇ ପୁଲିସ ଗାଡ଼ି ସେଠାରୁ ପଳାଇ ଆସିଥିଲେ। ସକାଳୁ ଏସଆଇ ପାର୍ଥ ପ୍ରତିମ ଦେବତା, କନେଷ୍ଟବଳ ରୁଦ୍ର ପ୍ରସାଦ ଭଟ୍ଟ ମିଶ୍ର ଏବଂ ଅନ୍ୟାନ୍ୟ ପୁଲିସ କର୍ମଚାରୀ ବମ୍ ସ୍କ୍ୱାଡ୍ ସହ ନୂଆଁ ଫାସୁଲା ଗ୍ରାମରେ ପହଞ୍ଚି ଥିଲେ। ଜି. ଜୟ ରାଉଳଙ୍କ ଘର ଭିତରେ ଖୋଜାଖୋଜି କରିବା ପରେ ବାରିପଟୁ ୫ଟି ଜୀବନ୍ତ ବୋମା ଉଦ୍ଧାର କରିବା ସହ ଜୟ ରାଉଳଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଅପରପକ୍ଷେ ପୁଲିସ ଉପରକୁ ବୋମାମାଡ଼ କରିଥିବା କାଳିଆ ରାଉଳ ଫେରାର ହୋଇଯାଇଛି।

# ରାସ୍ତା ନିର୍ମାଣ ଦାବିରେ ରାସ୍ତା ଅବରୋଧ

ପାରଳାଖେମୁଣ୍ଡି, ୧।୩ (ସମିସ)



ପାରଳାଖେମୁଣ୍ଡି ସହରର ପୁରୁଣା କୋର୍ଟ ଛକଠାରୁ ମେଡିକାଲ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଦାବି ସତ୍ତ୍ୱେ କୌଣସି ପଦକ୍ଷେପ ହେଉ ନ ଥିବାରୁ ଶୁକ୍ରବାର ଜନସାଧାରଣଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତା ଓ କର୍ମୀ ମିଳିତ ଭାବେ ପ୍ରତିବାଦ ସ୍ୱରୂପ ରାସ୍ତାରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଉଲ୍ଲେଖିତ ରାସ୍ତା ନିର୍ମାଣର ତିନି ବର୍ଷ ହୋଇଥିବା ବେଳେ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ରାସ୍ତା ତମାମ ଖାଲଖମା ସହ ସିମେଣ୍ଟ ଓ ଚିପ୍ସ ଉଠିଯାଇଛି। ଯାତାୟାତରେ ନାନାଦି ସମସ୍ୟା ସୃଷ୍ଟି ହେଉଥିବା ନେଇ ବାରମ୍ବାର ପୂର୍ତ୍ତ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନେଉ ନ ଥିବା ଯୋଗୁଁ ଲୋକେ ଏକତ୍ର ହୋଇ ତୁରନ୍ତ ରାସ୍ତା ମରାମତି ନିମନ୍ତେ ଦାବି କରିଥିଲେ। ପୂର୍ତ୍ତ ବିଭାଗ କିମ୍ବା ପ୍ରଶାସନ ଆସିବା ପର୍ଯ୍ୟନ୍ତ ରାସ୍ତା ଅବରୋଧ ଜାରି ରହିବ ବୋଲି ଆନ୍ଦୋଳନକାରୀ ଜିଦ ଧରି ବସିଥିଲେ। ପ୍ରାୟ ଦୁଇ ଘଣ୍ଟା ପରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଶ୍ରୀକାନ୍ତ ସାମଲ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରି ରାସ୍ତା ନିର୍ମାଣ ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧରୁ ଉତ୍ତ୍ୟକ୍ତ ଲୋକେ ହଟିଥିଲେ।

ପ୍ରକାଶ ଯେ, ପୁରୁଣା କୋର୍ଟ ଛକଠାରୁ ମେଡିକାଲ ଛକ ପ୍ରାୟ ୨.୫ କିମି ରାସ୍ତା ତିନି ବର୍ଷ ପୂର୍ବେ ନିର୍ମାଣ ହୋଇଥିଲା। ହେଲେ ଠିକାଦାରଙ୍କ ସହ ମଧୁଚନ୍ଦ୍ରିକା ରଖି ପୂର୍ତ୍ତ ବିଭାଗ କାମ କରିଥିବା ଅଭିଯୋଗ ହୋଇଥିଲା। ଅତି ନିମ୍ନମାନର କାମ ଯୋଗୁଁ ପ୍ରାୟ ବର୍ଷକ ପରେ ଗାନ୍ଧୀ ଛକ, କାଳୀମନ୍ଦିର ଛକ, ଅଟଳପାର୍କ ସମ୍ମୁଖ, ପୁରୁଣା କୋର୍ଟ ଛକ ପର୍ଯ୍ୟନ୍ତ ରାସ୍ତାରେ ଖାଲଖମା ସୃଷ୍ଟି ହୋଇଛି। ଏହା ସହ ସ୍ଥାନେ ସ୍ଥାନେ ଚିପ୍ସ ଉଠିଯାଇଛି। ସେହିପରି ଜଙ୍ଗମ ସାହି ଛକଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ମଧ୍ୟ ଅନୁରୂପ ରହିଛି। ଏହାକୁ ନେଇ ବାରମ୍ବାର ଜନସାଧାରଣ ଅଭିଯୋଗ କଲେ ବି ପୂର୍ତ୍ତବିଭାଗ ଦୃଷ୍ଟି ଦେଉନାହିଁ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି। ଏପରି ଖାଲଖମା ରାସ୍ତା ଯୋଗୁଁ ଦୈନନ୍ଦିନ ଦୁର୍ଘଟଣା ଘଟୁଥିବା ବେଳେ ବୟସ୍କ ବ୍ୟକ୍ତି ଓ ଛାତ୍ରଛାତ୍ରୀ ପଡ଼ି ଖଣ୍ଡିଆଖାବରା ହେଉଥିବା ବହୁ ନଜିର ରହିଛି। ପ୍ରତିବାଦରେ ଶୁକ୍ରବାର ଲୋକେ ବାଧ୍ୟ ହୋଇ ରାସ୍ତା ଅବରୋଧ କରିଥିଲେ। ଏହି ରାସ୍ତାଟି ସହରର ପ୍ରମୁଖ ରାସ୍ତା ହୋଇଥିବା ବେଳେ ୱାନ୍ ୱେ ଟ୍ରାଫିକ ରାସ୍ତା। ଦୈନନ୍ଦିନ ଶହ ଶହ ଯାନବାହାନ ଏହି ରାସ୍ତା ଦେଇ ଚଳାଚଳ କରୁଛି। ଜରୁରୀ ସ୍ଥିତିରେ ଆମ୍ବୁଲାନ୍ସ କିମ୍ବା ଅଗ୍ନିଶମ ବିଭାଗ ଗାଡ଼ି ଯିବା କଷ୍ଟକର ହେଉଛି। ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଥିଲେ ମଧ୍ୟ ଦାବି ପୂରଣ ନହେଲେ ବନ୍ଦ ପାଳନ କରାଯିବ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି।

## ଦେଶୀମଦ ବିକ୍ରି ବନ୍ଦ ଦାବିରେ ରାସ୍ତାରୋକ



**ଗୋଷାଣି, ୧।୩(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗୁରାଣ୍ଡି ଥାନା ଅନ୍ତର୍ଗତ ଆର୍. ସୀତାପୁର ଗ୍ରାମାଞ୍ଚଳରେ ଅବାଧ ଦେଶୀମଦ ବିକ୍ରିକୁ ନେଇ ଲୋକେ ଅସନ୍ତୋଷ ବ୍ୟକ୍ତ କରିବା ସହ ଏହାର ପ୍ରତିବାଦ କରି ପ୍ରାୟ ଘଣ୍ଟାଏ କାଳ ଜାତୀୟ ରାଜପଥ ୩୨୬-ଏ ଅବରୋଧ କରିଥିଲେ। ଅଞ୍ଚଳରେ ଦେଶୀମଦ କାରବାର ବୃଦ୍ଧି ପାଇଥିବା ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି। ଏନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନି। ଦେଶୀମଦ କାରବାର ବୃଦ୍ଧି ଯୋଗୁଁ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ସହ ଯୁବଗୋଷ୍ଠୀ ପଥଭ୍ରଷ୍ଟ ହେଉଥିବା ମଧ୍ୟ ଗ୍ରାମବାସୀ କହିଛନ୍ତି। ଘରୋଇ ହିଂସା ମଧ୍ୟ ବୃଦ୍ଧି ପାଉଛି। ଦେଶୀମଦ କାରବାର ବନ୍ଦ କରିବା ପାଇଁ ଅସାଧୁ ବ୍ୟବସାୟୀଙ୍କୁ ତାଗିଦ କରିଥିଲେ ମଧ୍ୟ ଏପରି ବ୍ୟବସାୟୀଙ୍କ ପ୍ରତି ବିଭାଗୀୟ ଛାଟ ନ ପଡ଼ିବା ଯୋଗୁଁ ମନଇଚ୍ଛା କାରବାର ଚଳାଇଥିବା କହିଛନ୍ତି ଗ୍ରାମବାସୀ। ପ୍ରତିବାଦରେ ଗ୍ରାମବାସୀ ଏକତ୍ର ହୋଇ ବସ୍ତା ବସ୍ତା ମଦ ପ୍ୟାକେଟ ଜୋର ଜବରଦସ୍ତ ଆଣି ନଷ୍ଟ କରିଥିଲେ। ଏହା ସହ ରାସ୍ତା ଅବରୋଧ ମଧ୍ୟ କରିଥିଲେ। ଖବର ପାଇ ଗୁରାଣ୍ଡି ଥାନା ଏସ୍‌ଆଇ ବଳରାମ ବେହେରା ଏବଂ ପୁଲିସ କର୍ମଚାରୀ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ଅସାଧୁ ଦେଶୀମଦ ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିବା ପରେ ଆନ୍ଦୋଳନକାରୀମାନେ ରାସ୍ତା ଅବରୋଧରୁ ହଟିଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲା ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ

**ଜି.ଉଦୟଗିରି, ୧।୩ (ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଓଡ଼ିଶାର ସର୍ବବୃହତ ବସ୍ ଟର୍ମିନାଲ ଉଦ୍‌ଘାଟିତ ହୋଇଛି। ଓଡ଼ିଶାବାସୀଙ୍କ ବହୁ ଦିନର ଆଶା ପୂରଣ ହୋଇଛି। ଏହି ବସ୍ ଟର୍ମିନାଲକୁ ସମ୍ବିଧାନ ପ୍ରଣେତା ବାବାସାହେବ ଭୀମରାଓ ଆମ୍ବେଦକର ବସ୍ ଟର୍ମିନାଲ ନାମରେ ନାମିତ କରାଯାଇଥିବାରୁ ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘର ଉପସଭାପତି ଦୈତାରୀ ଦିଗାଲ ଓ ସମ୍ପାଦକ ବିଜୟ ରଥଙ୍କ ସହ ବରିଷ୍ଠ ଶିକ୍ଷକ, ଶିକ୍ଷୟିତ୍ରୀ ଅନିମା ମହାପାତ୍ର, ତ୍ରିଲୋଚନ ପଣ୍ଡା, ଦୁଷ୍ମନ୍ତ କୁମାର ବେହେରା, ରମେଶ ସାହୁ, ମୋହନ ମାଝୀ, ଦ୍ୱିତୀ ସାହୁ, ଉମେଶ ବେହେରା, ବିରଞ୍ଚି ସାହୁ, ଉମାଶଙ୍କର ପଣ୍ଡା, ବିପିନି ବିଶ୍ୱାଳ, ପ୍ରଶାନ୍ତ ସେଠୀ, ପ୍ରଶାନ୍ତ ନାୟକ, ମଦନ ହୋତା, ରାଜୀବ ପାତ୍ର, ତନୁରେଖା ନାୟକ, ରାଜେନ୍ଦ୍ର ଜଗତ, ଶେଷଦେବ ନନ୍ଦ, ପ୍ରଫୁଲ୍ଲ ଜଗତ, ଦୀପକ ଦଣ୍ଡପାଟ, ଲକ୍ଷ୍ମଣ ବଳିଆରସିଂ, ତେଜସ୍ୱିନୀ ନାୟକ, ସଂଜୀବ ସାହୁ, ଗୋପାଳ ଜଗତ, ସୁଧିର ସାହୁ, ବସନ୍ତ ମାଝୀ, ନରହରି ଜାନି, କାଳିକିଙ୍କର ପଟ୍ଟନାୟକଙ୍କ ସମେତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗର ବହୁ ବ୍ୟକ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ବିଜୟ ନାୟକ, ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଛେଳିଗଡ଼ ପ୍ରକଳ୍ପ କ୍ଷତିଗ୍ରସ୍ତ କ୍ଷୁଦ୍ର ବ୍ୟବସାୟୀ, ଭାଗଚାଷୀଙ୍କ ସ୍ମାରକପତ୍ର

**ଛେଳିଗଡ଼, ୧।୩(ସମିସ):** ଗଜପତି ଜିଲ୍ଲା ରା.ଉଦୟଗିରି ବ୍ଲକ ଛେଳିଗଡ଼ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ କ୍ଷତି ସହିବାକୁ ଥିବା ଭାଗଚାଷୀ, କ୍ଷୁଦ୍ର ବ୍ୟବସାୟୀ ତଥା ଉଠାଦୋକାନୀ, ଦିନମଜୁରିଆ, ପଶୁପାଳକ ଓ ବ୍ୟବସାୟୀ ଶୁକ୍ରବାର ରା.ଉଦୟଗିରି ତହସିଲଦାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ନିର୍ମାଣ ହେଉଥିବା ଛେଳିଗଡ଼ ଜଳ ପ୍ରକଳ୍ପ ଏକ ଜନହିତକର ପଦକ୍ଷେପ। ପ୍ରକଳ୍ପର ବିସ୍ଥାପିତ ପରିବାର ନିଜ ନିଜ ବାସଗୃହ ଏବଂ ଚାଷଜମି ନିମନ୍ତେ ଉପଯୁକ୍ତ କ୍ଷତିପୂରଣ ଭରଣା ପାଇ ନୂତନ ସ୍ଥାନରେ ଥଇଥାନ ହୋଇଛନ୍ତି। ହେଲେ ଛେଳିଗଡ଼ର ଦିନମଜୁରିଆ, ଭାଗଚାଷୀ, ବ୍ୟବସାୟୀଙ୍କ ନିମନ୍ତେ ବର୍ତ୍ତମାନ ସୁଦ୍ଧା ଜୀବନଜୀବିକା ପରିଚାଳନା ନିମନ୍ତେ କୌଣସି ପଦକ୍ଷେପ ନିଆଯାଇନାହିଁ। ଏହି ପ୍ରକଳ୍ପ ଦ୍ୱାରା ଉଠାଦୋକାନୀ ତଥା ଅସ୍ଥାୟୀ ବ୍ୟବସାୟୀ କ୍ଷତି ସହିବେ। ପ୍ରକଳ୍ପରେ ଛେଳିଗଡ଼ ଅଞ୍ଚଳର ପ୍ରାୟ ୧୨୦ ହେକ୍ଟର ଚାଷଜମି, ଗୋଚର ଜମି ଜଳମଗ୍ନ ହେବା ସହ ୧୨୦୦ରୁ ଊର୍ଦ୍ଧ୍ୱ ପରିବାର ବିସ୍ଥାପିତ ହେବେ। ଗ୍ରାମର କିଛି ଗ୍ରାମବାସୀ, ଭାଗଚାଷୀ, ଦିନମଜୁରିଆ, ପଶୁପାଳକ ଓ ବ୍ୟବସାୟ ପରୋକ୍ଷରେ କ୍ଷତିଗ୍ରସ୍ତ ହେବା ସହ ଜୀବନ ଜୀବିକା ହରାଇବେ ବୋଲି ସ୍ମାରକପତ୍ରରେ ଦର୍ଶାଯାଇଛି। ସେମାନଙ୍କୁ ସହାୟତା ପ୍ରଦାନ ଲାଗି ନିବେଦନ କରାଯାଇଛି। ସ୍ମାରକପତ୍ରର ନକଲ ଜଳସମ୍ପଦ ସଚିବ, ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର, ଗଜପତି ଜିଲ୍ଲାପାଳ, ରା.ଉଦୟଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମେତ ଛେଳିଗଡ଼ ଜଳସେଚନ ପ୍ରକଳ୍ପର ମୁଖ୍ୟ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ପଠାଇଥିବା କହିଛନ୍ତି।



## ପୋଖରୀରେ ବୁଡ଼ି ଯୁବକ ମୃତ

**ପାରଳାଖେମୁଣ୍ଡି, ୧।୩(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗୁରାଣ୍ଡି ଥାନା ଆର୍. ସୀତାପୁର ଗ୍ରାମର ଏକ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଗ୍ରାମର ପେଟା ଜାଗୁଲୁ(୩୯) ଗୁରୁବାର ସନ୍ଧ୍ୟାରେ ପୋଖରୀ ନିକଟକୁ ଯାଇଥିଲେ। ଏହା ପରଠାରୁ ତାଙ୍କର ଦେଖା ମିଳି ନ ଥିଲା। ପରିବାରବର୍ଗ ଓ ଗ୍ରାମବାସୀ ଖୋଜାଖୋଜି କରିବା ବେଳେ ଶୁକ୍ରବାର ସକାଳେ ପୋଖରୀରେ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଏନେଇ ଗୁରାଣ୍ଡି ଥାନା ପୁଲିସକୁ ଖବର ଦେବା ପରେ ଏସ୍‌ଆଇ ବଳରାମ ବେହେରା ପହଞ୍ଚି ମୃତଦେହ ଜବତ କରି ତଦନ୍ତ କରିଥିଲେ। ଏନେଇ ଗୁରାଣ୍ଡି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## କଂଗ୍ରେସର ପଞ୍ଚାୟତସ୍ତରୀୟ ବୈଠକ

**ଦାରିଙ୍ଗବାଡ଼ି, ୧।୩(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ପ୍ଲିହେରି ପଞ୍ଚାୟତ କୁଡିଗୁଞ୍ଜାରେ କଂଗ୍ରେସର ପଞ୍ଚାୟତସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ କନ୍ଧମାଳ ଜିଲ୍ଲା ପ୍ରଭାରୀ ବିସ୍ମୟ ମହାପାତ୍ର, ସମ୍ମାନିତ ଅତିଥି ଭାବେ ବ୍ଲକ ଆବାହକ ପ୍ରମୋଦ ଦିଗଲ, ରାଧାକାନ୍ତ ପ୍ରଧାନ, ଫିଲ୍ମନ ପ୍ରଧାନ, ପୂର୍ବତନ ସରପଞ୍ଚ ପ୍ରକାଶ ପ୍ରଧାନ, ପଞ୍ଚାୟତ ସଭାନେତ୍ରୀ ମୋନେକା ପ୍ରଧାନ, ନକୁଳ ପ୍ରଧାନ, ସାମନ୍ତ ପ୍ରଧାନ, ଉପେନ୍ଦ୍ର ପ୍ରଧାନ, ଚିତ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ସଂଗଠନ ସୁଦୃଢ଼ କରିବା ଉପରେ ଆଲୋକପାତ କରିଥିଲେ।

## ଦାରିଙ୍ଗବାଡ଼ିର ଷ୍ଟ୍ରବେରୀ ଚାଷର ସଫଳତା, ଅନୁପ୍ରାଣିତ ହେଲେ ବିଭିନ୍ନ ମହିଳା ଦଳ

## କ୍ଷେତ୍ର ପରିଦର୍ଶନ କରିବାକୁ ଜିଲ୍ଲା ବାହାରୁ ବିଭିନ୍ନ ବିଭାଗର ସୁଅ

**ଦାରିଙ୍ଗବାଡ଼ି, ୧।୩(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକରେ ସ୍ୱୟଂ ସହାୟକ ଗୋଷ୍ଠୀ ଷ୍ଟ୍ରବେରୀ ଚାଷ କରି ଆତ୍ମନିର୍ଭରଶୀଳ ହେବା ସହିତ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ଷ୍ଟ୍ରବେରୀ ଚାଷ ପର୍ଯ୍ୟଟକଙ୍କୁ ବେଶ ଆକୃଷ୍ଟ କରିଥିବା ବେଳେ ଅନ୍ୟାନ୍ୟ ବ୍ଲକ ଓ ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟ ନିଜ ଅଞ୍ଚଳରେ ଏହି ଚାଷ କରିବାକୁ ମନ ବଳାଉଛନ୍ତି। ଦାରିଙ୍ଗବାଡ଼ିର ଷ୍ଟ୍ରବେରୀ ଚାଷ ଦେଖିବାକୁ ଗଜପତି ଜିଲ୍ଲା ମୋହନା ବ୍ଲକ ଅନ୍ତର୍ଗତ ଚନ୍ଦ୍ରଗିରିର ସାମାଜିକ ସଙ୍ଗଠକ ମୂରଲୀ ଚୌଧୁରୀଙ୍କ ନେତୃତ୍ୱରେ ଆଦିମ ଜନଜାତି ସଶକ୍ତୀକରଣ ଓ ଜୀବିକା ଉନ୍ନତି କାର୍ଯ୍ୟକ୍ରମ ପ୍ରକଳ୍ପ ପିଭିଟିଜିର ସ୍ୱୟଂ ସହାୟକ ମହିଳା ଗୋଷ୍ଠୀର ୭୦ ଜଣ ସଦସ୍ୟା ଆସିଥିଲେ। ଦାରିଙ୍ଗବାଡ଼ି ବ୍ଲକ ଶ୍ରୀନିକେତା ପଞ୍ଚାୟତ ସୁଲୁମାହା ଗ୍ରାମର ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ କରିଥିବା ଷ୍ଟ୍ରବେରୀ ଚାଷ ଦେଖିବା ସହିତ ଚାଷ ପ୍ରଣାଳୀ, ଜମି ପ୍ରସ୍ତୁତ ନେଇ ସ୍ଥାନୀୟ ମହିଳା ଗୋଷ୍ଠୀ ସଦସ୍ୟଙ୍କ ସହିତ ଆଲୋଚନା କରିଥିଲେ।




ଏହା ପୂର୍ବରୁ ରାୟଗଡ଼ା ଜିଲ୍ଲା ସମେତ, ନୟାଗଡ଼ ଜିଲ୍ଲାର ନୂଆଗାଁ ବ୍ଲକ, ବଲାଙ୍ଗୀର ଜିଲ୍ଲାର ବଙ୍ଗମୁଣ୍ଡା ଓ ସାଇନତାଲାର ମହିଳା ଗୋଷ୍ଠୀ, କୋଟଗଡ଼ ବ୍ଲକର କୁଟିଆ କନ୍ଧ ଡେଭଲପମେଣ୍ଟ ଏଜେନ୍ସି କର୍ମକର୍ତ୍ତା ଆସି ଷ୍ଟ୍ରବେରୀ ଚାଷ ଉପରେ ଭଲ ଭାବେ ଅନୁଧ୍ୟାନ କରିଛନ୍ତି। ସୋନପୁର ଜିଲ୍ଲାର ୬ ବ୍ଲକର ମହିଳା ସଂଘ ସଦସ୍ୟା ଆସି ଦେଖିବା ସହିତ ଷ୍ଟ୍ରବେରୀ ଚାଷ କରିବାକୁ ମନ ବଳାଇଛନ୍ତି।

କ୍ଷେତ୍ର ପରିଦର୍ଶନରେ ଆସିଥିବା ମହିଳାଙ୍କୁ ଏ ସମ୍ପର୍କରେ ସଚେତନ କରାଯାଇଛି। ଦାରିଙ୍ଗବାଡ଼ିରେ ଷ୍ଟ୍ରବେରୀ ଚାଷ କରି ମହିଳା ଦଳ ସ୍ୱାବଲମ୍ବୀ ହୋଇଛନ୍ତି। ଗଣମାଧ୍ୟମରେ ଏ ସମ୍ପର୍କରେ ପ୍ରକାଶ ପାଇବା ପରେ ଷ୍ଟ୍ରବେରୀ ଚାଷ କରିବାକୁ ଆଗ୍ରହ ପ୍ରକାଶ କରି ଜିଲ୍ଲା ତଥା ଜିଲ୍ଲା ବାହାରୁ ମହିଳା ସଂଘ ଓ ଅନ୍ୟାନ୍ୟ ବିଭାଗ କର୍ମକର୍ତ୍ତା ଆସି ତାଲିମ ନେଇ ନିଜେ ଚାଷ କରି ପାରିଥିବା ପ୍ରକାଶ କରିଛନ୍ତି। ଦାରିଙ୍ଗବାଡ଼ି ବ୍ଲକ ଓଏଲଏମର ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ପିଣ୍ଟୁ ନାୟକ ଷ୍ଟ୍ରବେରୀ ଚାଷ ସମ୍ପର୍କରେ ବିସ୍ତୃତ ଭାବେ ପରିଦର୍ଶନରେ ଆସିଥିବା ମହିଳାଙ୍କ ସହିତ ଆଲୋଚନା କରିଥିଲେ। ଏହାପରେ କ୍ଷେତ୍ର ପରିଦର୍ଶନରେ ଆସିଥିବା ମହିଳା ଓ ମିଶନ ଶକ୍ତି ମହିଳା ଦଣ୍ଡିମାହାରେ ଥିବା ହଳଦୀ ଗୁଣ୍ଡ ପ୍ରସ୍ତୁତ କେନ୍ଦ୍ର ଓ ମାଛ ଚାଷ ହୋଇଥିବା ଅଞ୍ଚଳ ମଧ୍ୟ ପରିଦର୍ଶନ କରିଥିଲେ। ଷ୍ଟ୍ରବେରୀ ଚାଷ ପାଇଁ ପ୍ରଥମରୁ ହିଁ କିଭଳି ଚାଷ କରାଯିବ ଓ ବିକ୍ରିବଟା ଉପରେ ଜିଲ୍ଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ତାଲିମ ଦିଆଯାଇଥିବା ଜଣାପଡ଼ିଛି।

## ପାରଳାରେ ଅନ୍ତର୍ଜାତୀୟ ହ୍ୱିଲ୍ ଚେୟାର ଦିବସ

**ପାରଳାଖେମୁଣ୍ଡି, ୧।୩(ସମିସ):** ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦ୍ୱାରା ଗଜପତି ଷ୍ଟାଡିୟମରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ହ୍ୱିଲ ଚେୟାର ଦିବସ ପାଳିତ ହୋଇଛି। ଗଜପତି ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ନିମନ୍ତେ କାମ କରୁଥିବା ସ୍ୱେଚ୍ଛାସେବୀ ସଙ୍ଗଠନ କର୍ମକର୍ତ୍ତା, ଏସକେସିଜି ଓ ମହିଳା ଡିଗ୍ରୀ କଲେଜର ଏନସିସି ଓ ଏନଏସଏସ ଛାତ୍ରଛାତ୍ରୀ ଏବଂ ବିଭାଗୀୟ କର୍ମକର୍ତ୍ତାଙ୍କ ଗହଣରେ ପ୍ରଥମେ ପଦଯାତ୍ରା ହୋଇଥିଲା। ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ ହୋଇ ଗଜପତି ଷ୍ଟାଡିୟମ୍‌ରେ ଶେଷ ହୋଇଥିଲା। ଏହା ପରେ ସ୍ୱାସ୍ଥ୍ୟମେଳା ଆୟୋଜନ କରାଯାଇଥିଲା। ଏଥିରେ ଜିଲ୍ଲା ମୁଖ୍ୟଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ପ୍ରଦୀପ କୁମାର ପାତ୍ରଙ୍କ ସହ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ଯୋଗ ଦେଇଥିଲେ। ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟାର ପରୀକ୍ଷା କରାଯିବା ସହ ମାଗଣା ଔଷଧ ବିତରଣ କରାଯାଇଥିଲା। ଏହାପରେ ଏକ ସଭା ହୋଇଥିଲା। ଉକ୍ତ ସଭାରେ ଜିଲ୍ଲାପାଳ ଶ୍ରୀ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଗଜପତି ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ସମ୍ମାନିତ ଅତିଥି ଭାବେ ପାରଳାଖେମୁଣ୍ଡି ପୌରପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, ସରୋଜିନୀ ରଇତ ଓ ପୂଜାସ୍ୱିନୀ ନାୟକ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସକ ଡା.ପ୍ରଦୀପ କୁମାର ପାତ୍ର ଯୋଗ ଦେଇଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ। ଭିନ୍ନକ୍ଷମଙ୍କ ଅଧିକାର ଅଧିନିୟମ ୨୦୧୬ ବିଷୟରେ ସମର୍ଥ ଅନୁଷ୍ଠାନର ସମ୍ପାଦକ ସନ୍ତୋଷ କୁମାର ମହାରଣା ଅବଗତ କରାଇଥିଲେ। ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ୫ ଜଣ ଦିବ୍ୟାଙ୍ଗ ଜି.ସନ୍ତୋଷୀ, ପି.ଦିଲେଶ୍ୱର ରାଓ, ଶୈବନ ରଇତ, ଆର.ସାଇ କୁମାର ଓ ସମୀର ରାଘବଙ୍କୁ ହ୍ୱିଲ ଚେୟାର ବଣ୍ଟନ କରାଯାଇଥିଲା। ୪୦ ଜଣ ଅତିଦୁର୍ବଳ ଦିବ୍ୟାଙ୍ଗ ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ କିଟ୍ ବଣ୍ଟନ କରାଯାଇଥିଲା। ଗଜପତି ଜିଲ୍ଲା କଳା ପରିଷଦ କଳାକାରଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଓ ଦୁଇ ଦିବ୍ୟାଙ୍ଗ ଏସ୍.ସୀମାଞ୍ଚଳ ଓ ଲକ୍ଷ୍ମୀ ନୃସିଂହ ପଟ୍ଟନାୟକଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅଂଶଗ୍ରହଣ କରିଥିବା ସମସ୍ତ କଳାକାରଙ୍କୁ ଅତିଥିଙ୍କ ଦ୍ୱାରା ପ୍ରଶଂସାପତ୍ର ସହ ସମ୍ମାନିତ କରାଯାଇଥିଲା। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।



### ଗ୍ରୀଷ୍ମ ପ୍ରବାହ ସୁପରିଚାଳନା ପ୍ରସ୍ତୁତି ବୈଠକ

## ଅଂଶୁଘାତ ମୃତ୍ୟୁ ରୋକିବା ଉପରେ ଗୁରୁତ୍ୱ

ପାରଳାଖେମୁଣ୍ଡି, ୧।୩ (ସମିସ)



ଗଜପତି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଗ୍ରୀଷ୍ମପ୍ରବାହ ସୁପରିଚାଳନା ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆଗାମୀ ଗ୍ରୀଷ୍ମ ପ୍ରବାହରେ ସତର୍କ ରହିବା ଓ ଅଂଶୁଘାତ ରୋକିବା ପାଇଁ କିପରି ପ୍ରସ୍ତୁତି ହେବା ସେ ବିଷୟରେ ଲାଇନ୍ ବିଭାଗୀୟ ଅଧିକାରୀଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରଯାଇଥିଲା। ସମସ୍ତ ଲାଇନ୍ ବିଭାଗୀୟ ଅଧିକାରୀଙ୍କୁ ଗ୍ରୀଷ୍ମ ପରିଚାଳନା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଚଳିତ ବର୍ଷର ପ୍ରଥମାର୍ଦ୍ଧରୁ ହିଁ ଗଜପତି ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଥିବାବେଳେ ଆଗକୁ ଅଧିକ ହେବା ଆଶଙ୍କା ରହିଛି। ଗ୍ରୀଷ୍ମ ପ୍ରବାହରେ ଅଂଶୁଘାତ ହୋଇ ଜୀବନ ପ୍ରତି ବିପଦ ସୃଷ୍ଟି ହେବାର ସମ୍ଭାବନା ରହିଛି। ତେଣୁ ସ୍ୱାସ୍ଥ୍ୟ ବିଭାଗକୁ ଆବଶ୍ୟକ ପରିମାଣରେ ଓଆରଏସ୍ ପ୍ୟାକେଟ ଓ ଔଷଧ ମହଜୁଦ ରଖିବା ସହିତ ସଜାଗ ରହିବାକୁ କୁହାଯାଇଛି।

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମଧ୍ୟରେ ଏକ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ କରାଯିବା ସହ ଅଂଶୁଘାତ ରୋଗୀଙ୍କ ପାଇଁ ସମସ୍ତ ପ୍ରକାର ଆଶୁ ଚିକିତ୍ସା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ କୁହାଯାଇଥିଲା। ଅଂଶୁଘାତରେ ମୃତ୍ୟୁ ରୋକିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ସମସ୍ତ ଗ୍ରାମାଞ୍ଚଳ, ପାରଳାଖେମୁଣ୍ଡି ପୌରପରିଷଦ, କାଶୀନଗର ଏନ୍‌ଏସି, ସମସ୍ତ ବ୍ଲକ ପକ୍ଷରୁ ଜଳଛତ୍ର ଖୋଲାଯିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଖରାପ ଥିବା ନଳକୂଅକୁ ତୁରନ୍ତ ମରାମତି କରିବାକୁ କୁହାଯାଇଥିଲା। ଗ୍ରୀଷ୍ମ ପ୍ରବାହ ସମୟରେ ଅଂଶୁଘାତକୁ ଦୃଷ୍ଟିରେ ରଖି ସମସ୍ତେ ସଚେତନ ହେବାକୁ କୁହାଯାଇଥିଲା। ଗ୍ରୀଷ୍ମ ଦିନେ ବିଶେଷ କରି ପାନୀୟଜଳ ସମସ୍ୟା ଯେପରି ନ ଉପୁଜେ, ବିଦ୍ୟୁତ ବିଭ୍ରାଟ ନ ଘଟେ, ପଶୁପକ୍ଷୀଙ୍କ ଯତ୍ନ ନେବା, ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ର ରାଜ୍ୟ ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ ସକାଳେ ଖୋଲିବା, ଜୀବନ ରକ୍ଷକ ଔଷଧ ମହଜୁଦ ରଖିବା, ଶ୍ରମିକମାନଙ୍କ କାର୍ଯ୍ୟ ସମ୍ପାଦନ କ୍ଷେତ୍ରରେ ସମୟ ସାରଣୀ ପରିବର୍ତ୍ତନ କରିବା, ଜୀବଜନ୍ତୁଙ୍କ ସୁରକ୍ଷା, ଜଙ୍ଗଲ ସୁରକ୍ଷା ସମ୍ପର୍କରେ ଦୃଷ୍ଟି ଦେବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ସେହିପରି ଅଂଶୁଘାତରେ କାହାର ମୃତ୍ୟୁ ଅଭିଯୋଗ ହେଲେ ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଏହି ବୈଠକରେ ଜିଲ୍ଲା ବନଖଣ୍ଡ ଅଧିକାରୀ ଏସ୍.ଆନନ୍ଦ, ଅତିରିକ୍ତ ଜିଲ୍ଲାପାଳ ବୀରେନ୍ଦ୍ର କୁମାର ଦାସ ଓ ରାଜେନ୍ଦ୍ର ମିଞ୍ଜ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଡ. ଗୁଣନିଧି ନାୟକ, ଉପ-ଜିଲ୍ଲାପାଳ ଆଲୋକ କୁମାର ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଦୀପ କୁମାର ପାତ୍ର, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଜଗନ୍ନାଥ ପାଢ଼ୀ ଓ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପରାମର୍ଶଦାତା ପ୍ରଦୋଷ କୁମାର ଶତପଥୀଙ୍କ ସମେତ ଜିଲ୍ଲାର ସମସ୍ତ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମେତ ଲାଇନ ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

# ଆମ ପୋଲିସ ସମିତି ବୈଠକ



ଭଞ୍ଜନଗର, ୧।୩(ସମିସ): ଭଞ୍ଜନଗର ଆମ ପୋଲିସ ସମିତିର ୮୪ତମ ବୈଠକ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ନିର୍ବାଚନ ଓ ଦଣ୍ଡ ଯାତ୍ରାକୁ କିଭଳି ସୁରୁଖୁରୁରେ ଶେଷ ହେବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ସେଥିପାଇଁ ସମସ୍ତ ଦଣ୍ଡ ଦଳର ଅଧିକାରୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିସହ ଭଞ୍ଜନଗର ଅଞ୍ଚଳରେ ଧଳାଜହର ପ୍ରବେଶ ଓ କାରବାର ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମତ ପ୍ରକାଶ ପାଇଥିଲା। ବୈଠକରେ ମୁଖ୍ୟ ଅତିଥି ଭାବେ ଥାନା ଅଧିକାରୀ କୁମର ମୁଦୁଲି, ସମ୍ମାନିତ ଅତିଥି ରୂପେ ଏସଆଇ କେଶବ ଷଡ଼ଙ୍ଗୀ, ଆମ ପୋଲିସ ସମିତିର କୃତ୍ତିବାସ ବିଶ୍ୱାଳ, ଅନୁପମ ବାନାର୍ଜୀ, ଜଗବନ୍ଧୁ ଜେନା, ସନ୍ତୋଷ କୁମାର ଜେନା, ଦିଲୀପ ମାହାନ୍ତି, ସୁଶାନ୍ତ କୁମାର ମହାପାତ୍ର, ଜଗଦୀଶ ପାଣିଗ୍ରାହୀ, ପି. ମୃତ୍ୟୁଞ୍ଜୟ ସୁବୁଦ୍ଧି, ବିଷ୍ଣୁପ୍ରିୟା ସେନାପତି, ପି. ଗୀତା ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ।

# ଦକ୍ଷତା ବିକାଶ ତାଲିମ ଶିବିର



ବୁଗୁଡ଼ା, ୧।୩(ସମିସ): ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥା(ସୁଡା)ର ନିର୍ଦ୍ଦେଶ କ୍ରମେ ତୃଣମୂଳସ୍ତରରେ ମୁକ୍ତା ଯୋଜନାର ସଫଳ ରୂପାୟନ ନିମନ୍ତେ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଗଣ ଏବଂ ପୌରସଂସ୍ଥାର ଅଧିକାରୀମାନଙ୍କ ପାଇଁ ଏକ ତାଲିମ ଶିବିର ସ୍ଥାନୀୟ ଏନ୍ଏସି କଲ୍ୟାଣୀ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ସମେତ ମାଷ୍ଟର ଟ୍ରେନର ଉଷାରାଣୀ ମହାପାତ୍ର ଓ ସସ୍ମିତା ମିଶ୍ର ଅଂଶଗ୍ରହଣ କରିଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗୀୟ ଯୁଗ୍ମ ସଚିବ ସାରଦା ପ୍ରସାଦ ପଣ୍ଡା ଭିଡିଓ କନଫରେନ୍ସିଂ ମାଧ୍ୟମରେ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ଏନଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଓ ଉପାଧ୍ୟକ୍ଷା ଗିତାଞ୍ଜଳୀ ପାଢ଼ୀ, ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଅତିରିକ୍ତ ତହସିଲଦାର ସୁନନ୍ଦ ଶେଖର ସାହାଣୀ, ୱାର୍ଡ ୧୩ର କାଉନସିଲର ବବୁ ପ୍ରଧାନ, ପ୍ରୋଜେକ୍ଟ କୋଅର୍ଡିନେଟର ସର୍ବେଶ୍ୱର ବାରିକ, ସାନିଟେସନ ଏକ୍ସପର୍ଟ ମୁନା ଗୌଡ଼ ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ (ମୁକ୍ତା) ଯୋଜନା ସମ୍ପର୍କରେ ଅଭିଭାଷଣ ରଖିଥିଲେ।

# ସୁରଙ୍ଗି-ରାଜପୁର ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ



ପାତ୍ରପୁର, ୧।୩(ସମିସ): ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟିକା ଉଷାଦେବୀ ପାତ୍ରପୁର ବ୍ଲକ ତଣ୍ଡିପୁର ପଞ୍ଚାୟତ ଗସ୍ତ କରି ସୁରଙ୍ଗି - ରାଜପୁର ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ରାଜପୁର ଗ୍ରାମ ମା'ସତୀ ଦେବୀ ମନ୍ଦିର ନିକଟ ସଭା ସ୍ଥଳରେ ପହଞ୍ଚି ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିବା ଏହା ଜନ ସାଧାରଣଙ୍କ ଦୁଃଖ ଲାଘବ ସହ ଅଞ୍ଚଳର ବିକାଶ ଦିଗରେ ସହାୟକ ହେବ ବୋଲି କହିଥିଲେ। ପିଡବ୍ଲ୍ୟୁଡି ବିଭାଗ ଦ୍ୱାରା ପ୍ରାୟ ୧୩ କୋଟି ୨୧ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ରାସ୍ତା ସୁରଙ୍ଗି ପୁର୍ତ୍ତ ରାସ୍ତା ଠାରୁ ଭାୟା ରାଜପୁର ଦେଇ ନୂଆପଡ଼ା ରାସ୍ତା ଯାଏଁ ନିର୍ମାଣ ହେବ। ଏହି ଅବସରରେ ମନ୍ତ୍ରୀ ଉଷାଦେବୀଙ୍କ ସମେତ ପୂର୍ବତନ ବ୍ଲକ ବିଜେଡ଼ି ସଭାପତି, ତଣ୍ଡିପୁର ସମିତି ସଭ୍ୟ, ନିର୍ବାହୀ ଯନ୍ତ୍ରୀ ବିରେନ୍ଦ୍ର କୁମାର ଖୁର, ସହକାରୀ ଯନ୍ତ୍ରୀ ସ୍ୱରାଜ୍ୟ ପାଣଗ୍ରାହୀ, ପୀତବାସ ସାମନ୍ତରା, ସୁନିଲ ନାୟକ ପ୍ରମୁଖଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ଗୋପୀନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ

ଆସିକା, ୧।୩(ସମିସ): ଆସିକା ବ୍ଲକସ୍ଥିତ ରାଇପଲ୍ଲୀ ଗ୍ରାମରେ ଗୋପୀନାଥ ମହାପ୍ରଭୁଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଚାରିଦିନ ଧରି ଅନ୍ନ ଯଜ୍ଞ, ଜ୍ଞାନ ଯଜ୍ଞ, ଘୃତ ଯଜ୍ଞ, ଜ୍ଞାନ ଯଜ୍ଞ, ଗୋ-ଯଜ୍ଞ ଆଦି ଅନୁଷ୍ଠିତ ହେବା ସହିତ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା। ୬୦ ବର୍ଷ ପୂର୍ବରୁ ଗ୍ରାମରେ ଗୋପୀନାଥ ମହାପ୍ରଭୁଙ୍କ ଆସ୍ଥାନ ଥିବା ବେଳେ ମନ୍ଦିରର ପଶ୍ଚିମ ଦିଗରେ ଏକ ନୂତନ ଭବ୍ୟ ମନ୍ଦିର ନିର୍ମାଣ ହୋଇଛି। ୩୫ ଫୁଟ ଉଚ୍ଚତା ବିଶିଷ୍ଟ ଏହି ମନ୍ଦିର ବାରବର୍ଷ ଧରି ନିର୍ମାଣ କରାଯାଇଥିଲା। ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବରେ ବହୁ ଆଗଧାଡିର ଆଧ୍ୟାତ୍ମିକବାଦୀ, ବିଶିଷ୍ଟ ନେତା, ସ୍ଥାନୀୟ ବିଧାୟିକା, ପୂର୍ବତନ ବ୍ଲକ ଅଧ୍ୟକ୍ଷ, ଜିଲ୍ଲା ପରିଷଦ, ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

# ବାସୁଦେବପୁରରେ 'ଆମ ବ୍ୟାଙ୍କ' ଉଦ୍‌ଘାଟିତ

ଦିଗପହଣ୍ଡି, ୧।୩(ସମିସ): ଦିଗପହଣ୍ଡି ବ୍ଲକ ବାସୁଦେବପୁର ପଞ୍ଚାୟତ ସମେତ ୮ଟି ପଞ୍ଚାୟତରେ 'ଆମ ବ୍ୟାଙ୍କ' ସେବା ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ବ୍ଲକର ବିଭିନ୍ନ ପଞ୍ଚାୟତରେ ଏହି ଯୋଜନାର ଶୁଭାରମ୍ଭ ହୋଇଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ବ୍ଲକ ଅଧୀନସ୍ଥ ବାସୁଦେବପୁର, ଖମ୍ବାରୀ ଗାଁ, ଫାସିଗୁଡା, ଗୌଡ଼ ଗାଁ, ବିଜୟ ଲକ୍ଷ୍ମୀନାରାୟଣପୁର, ଭ୍ରମରପୁର, ଚଷାନିମଖଣ୍ଡି, ନିମଖଣ୍ଡିପେଣ୍ଠ ପଞ୍ଚାୟତର ଏହି ଯୋଜନାର ଶୁଭାରମ୍ଭ ହୋଇଯାଇଛି। ଏହି ଯୋଜନାରେ ବ୍ୟାଙ୍କ ବିହୀନ ପଞ୍ଚାୟତରେ ସିଏସ୍‌ପି ପ୍ଲସ ଆଉଟଲେଟଗୁଡିକ ସ୍ଥାୟୀ ବ୍ୟାଙ୍କ ଶାଖା ପରି ସମସ୍ତ ବ୍ୟାଙ୍କ ସେବା ଲୋକମାନଙ୍କୁ ଯୋଗାଇ ଦେଇପାରିବ। ବରିଷ୍ଠ ନାଗରିକ, ଗର୍ଭବତୀ ମହିଳା ଏବଂ ଭିନ୍ନକ୍ଷମ ମାନେ ଯେପରି ଘର ଦୁଆରେ ଏହି ସେବା ସୁବିଧାରେ ପାଇପାରିବେ। ବାସୁଦେବପୁର ସରପଞ୍ଚ ଏମ୍ . ଶ୍ୟାମଘନ, ପ୍ରତିନିଧି ଏମ୍. ସନ୍ତୋଷ, କନିଷ୍ଠ ଯନ୍ତ୍ରୀ ଇଂ. ତପସ୍ୱିନୀ



ପାଢ଼ୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଦୀପ ପଟ୍ଟନାୟକ, ପୂର୍ବତନ ସମିତି ସଭ୍ୟ ଦାସ ରେଡ୍ଡୀ, ସାମାଜିକ କର୍ମୀ ଏମ୍ . ନରସିଂହ, ଖମ୍ବାରୀ ଗାଁ ସରପଞ୍ଚ ପ୍ରତିନିଧି ଚିତ୍ରସେନ ଗୌଡ଼, ଚଷାନିମଖଣ୍ଡି ସରପଞ୍ଚ ପ୍ରତିନିଧି ରବିଚନ୍ଦ୍ର ଗୌଡ଼, ନିମଖଣ୍ଡିପେଣ୍ଠ ସରପଞ୍ଚ ପ୍ରତିନିଧି ସୀମାଞ୍ଚଳ ଗୌଡ଼ଙ୍କ ସମେତ ପଞ୍ଚାୟତବାସୀ ଉପସ୍ଥିତ ଥିଲେ।

# ଧରାକୋଟ ବ୍ଲକ୍‌ରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ

ଧରାକୋଟ, ୧।୩(ସମିସ): ଧରାକୋଟ ବ୍ଲକ କାର୍ଯ୍ୟାଳୟ ପରିସରରେ ସାମାଜିକ ସୁରକ୍ଷା ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏବିଡିଓ ସୁଶିଲ ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି



ଭାବେ ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ ଏବଂ ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ମନୋଜ କୁମାର ସାହୁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅବିବାହିତା ୩୫, ସ୍ୱାମୀ ପରିତ୍ୟକ୍ତା ୫, ଭିନ୍ନକ୍ଷମ ୧୦୭, ବିଧବା ୧୬୧ ଜଣ, ବାର୍ଦ୍ଧକ୍ୟ ୧୦୯୯ ଜଣଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ବିଭାଗୀୟ କର୍ମଚାରୀ ଧିରେନ ଗୌଡ଼ ଓ ବାବୁ ବେହେରା ସହଯୋଗ କରିଥିଲେ।

# ସଂକୀର୍ତ୍ତନ ମଣ୍ଡଳୀର ସଚେତନତା

ବେଲଗୁଣ୍ଠା, ୧।୩ (ସମିସ): ବେଲଗୁଣ୍ଠା ବ୍ଲକର ବିଭିନ୍ନ ଗ୍ରାମରେ ସ୍ଥାନୀୟ ଲୋକକଳା ଏବଂ ଲୋକ ନାଟକ ମାଧ୍ୟମରେ ବିଭିନ୍ନ ସରକାରୀ ଯୋଜନାଗୁଡ଼ିକ ସମ୍ପର୍କରେ ଜନସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ଗୁରୁବାର କ୍ଷତ୍ରିୟବରପୁର ପଞ୍ଚାୟତ ଅନ୍ତର୍ଗତ ପାଲକଷଣ୍ଡା ଗ୍ରାମର ଯଜ୍ଞନାରାୟଣ ସଂକୀର୍ତ୍ତନ ମଣ୍ଡଳୀର କଳାକାରଙ୍କ ଦ୍ୱାରା ସାନ ବୋର୍ସିଂଗ୍ ଗ୍ରାମର ନୂଆଁ ସାହି ଏବଂ ବଡ଼ବୋର୍ସିଂ ଗ୍ରାମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରାଯାଇଥିଲା। ଏହିପରି ବ୍ଲକର ୯୦ଟି ଗ୍ରାମରେ ୪୭ଟି ଲୋକକଳା ସାଂସ୍କୃତିକ ଦଳ ଦ୍ୱାରା ୫୪୦ଟି ଜନସଚେତନତା କାର୍ଯ୍ୟକ୍ରମ କରାଯାଇଥିବା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜଗନ୍ନାଥ ସାହୁ କହିଛନ୍ତି।

# ଫିରିଙ୍ଗିଆ ପଞ୍ଚାୟତ ସମିତି ବୈଠକ




ଫିରିଙ୍ଗିଆ, ୧।୩(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଫିରିଙ୍ଗିଆ ପଞ୍ଚାୟତ ସମିତିର ଶେଷ ସମିତି ବୈଠକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ନମିତା କହଁର, ଉପାଧ୍ୟକ୍ଷ ଅଜିତ କୁମାର ସାହୁ, ଜିଲ୍ଲା ପରିଷଦ ସଭ୍ୟ ନୀଳଗିରି ଦିଗାଲ, ଜିଲ୍ଲା ପରିଷଦ ସଭ୍ୟା ଜୟଶ୍ରୀ କହଁର, ବ୍ଲକ ସହକାରୀ ଯନ୍ତ୍ରୀ ଜୟପ୍ରକାଶ ଜେନାଙ୍କ ସହ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ବୈଠକରେ ବ୍ଲକର ୨୪ ପଞ୍ଚାୟତର ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ଯୋଗ ଦେଇଥିଲେ। ଜିପିଓ ଦ୍ୱାରିକା ପ୍ରଧାନ ପରିଚାଳନା କରିଥିଲେ। ଜଳ ଓ ପରିମଳ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଜି.ଦେବହରି ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁମନ୍ତ କୁମାର ମାଝୀଙ୍କ ସହ ଫିରିଙ୍ଗିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋକ କୁମାର ମିଶ୍ର, କୃଷି ବିଭାଗ ଅଧିକାରୀ, ମୃତ୍ତିକା ସଂରକ୍ଷଣ ବିଭାଗ ଅଧିକାରୀ ଓ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଶେଷ ବୈଠକରେ ବ୍ଲକର ସର୍ବାଙ୍ଗୀନ ଉନ୍ନତି ଦିଗରେ ଧ୍ୟାନ ଦେବା ପାଇଁ ବିଧାୟକ ଉପସ୍ଥିତ ସମସ୍ତ ସମିତିସଭ୍ୟ ଓ ସରପଞ୍ଚଙ୍କୁ ଅନୁରୋଧ କରିଥିଲେ। ବୈଠକରେ ବିଭିନ୍ନ ପଞ୍ଚାୟତର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ ଓ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟ ବିଷୟରେ ଆଲୋଚନା ହୋଇଥିଲା।

# ଆମ ପୋଲିସ ସମିତି ବୈଠକ

ସାନଖେମୁଣ୍ଡି, ୧।୩(ସମିସ): ଗଞ୍ଜାମ ଜିଲ୍ଲା ପାଟପୁର ଥାନା ଅଧୀନସ୍ଥ ସାହସପୁର ପଞ୍ଚାୟତ କାର୍ଯ୍ୟାଳୟରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆସିକା ଏସଡିପିଓ ସଞ୍ଜୟ ମହାପାତ୍ର, ପାଟପୁର ଥାନା ଅଧିକାରୀ ଅଜୟ କୁମାର ସ୍ୱାଇଁ, ଏସ୍ଆଇ ଶ୍ରୀନିବାସ ଦାସ ଅତିଥି ଭାବେ ଯୋଗଦେଇଥିଲେ। ସମାଜରୁ ଅନ୍ଧବିଶ୍ୱାସ, ଗୁଣି ଗାରେଡ଼ି, ବାଲ୍ୟ ବିବାହ ଭଳି କୁସଂସ୍କାର କିପରି ଦୂର କରାଯାଇପାରିବ ସେନେଇ ଜଣସାଧାରଣଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ପାଟପୁର ଥାନା ଏଏସ୍ଆଇ ସନ୍ତୋଷ ମିଶ୍ର, ସୁଧୀର କୁମାର ନାୟକ, ସାହସପୁର ସରପଞ୍ଚ ସୁଶାନ୍ତ ସେଠୀ, ସମିତି ସଭ୍ୟା ପ୍ରତିନିଧି ଏ.କୈଳାଶ ପାତ୍ର, ନାଏବ ସରପଞ୍ଚ ପ୍ରତିନିଧି ଫୁନୁ ନାୟକ, ସ୍ଥାନୀୟ ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସମେତ ସାହସପୁର ପଞ୍ଚାୟତର ବହୁ ଲୋକ ଉପସ୍ଥିତ ଥିଲେ।

# ଅଙ୍ଗନବାଡ଼ି ସୁପରଭାଇଜରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



କୁକୁଡ଼ାଖଣ୍ଡି, ୧।୩ (ସମିସ): କୁକୁଡ଼ାଖଣ୍ଡି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ତରଫରୁ ରୋହିଗାଁ ସେକ୍ଟର ସୁପରଭାଇଜର ଛବିଲତା ଦେବୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ସିଡିପିଓ କୁସୁମି କୁମାରୀ ସାହୁଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ସୁପରଭାଇଜର ଛବିଲତା ଦେବୀଙ୍କୁ ଅଙ୍ଗନବାଡ଼ି ସଂଘର ସଭାନେତ୍ରୀ ମାଣିକେଶ୍ୱରୀ ପଟ୍ଟନାୟକ ଓ ରୋହିଗାଁ ସେକ୍ଟର ସମସ୍ତ ଅଙ୍ଗନବାଡ଼ି କର୍ମୀ ସମ୍ମାନିତ କରିଥିଲେ। ସୁପରଭାଇଜର ଲିଜା ସେଠୀ, ପ୍ରତିଭା ମହାନ୍ତି, ସ୍ମିତାମହୀ ପ୍ରଧାନ, ସାବିତ ଜେନା, ଶର୍ମିଷ୍ଠା ପଣ୍ଡା, ସ୍ୱର୍ଣ୍ଣଲତା ଦେବୀ, ଶାନ୍ତିଲତା ଗମାଙ୍ଗ, ଉଷା ପଟ୍ଟନାୟକ, ମମତା ପଣ୍ଡା, ଅଙ୍ଗନବାଡ଼ି ସମ୍ପାଦିକା ସୁଦକ୍ଷା ପଟ୍ଟନାୟକ, କୋଷାଧ୍ୟକ୍ଷା ପ୍ରମିଳା ଜେନା, ସଂଯୁକ୍ତା ସାହୁ, ଏ.ଲକ୍ଷ୍ମୀ, ପି.ସୁଶୀଳା, ଇନ୍ଦିରା ପାତ୍ର, ଲଳିତା ସାହୁ, ଶାନ୍ତିଲତା ଦେବୀ, ଗୀତାଞ୍ଜଳି ମାଝି, କଳ୍ପଲତା ପଟ୍ଟନାୟକ, ବାପିନା ବିଷୋୟୀ, ସନ୍ତୋଷ ଆଚାର୍ଯ୍ୟ, ସସ୍ମିତା ମିଶ୍ର, ରଙ୍କନିଧି ଆଚାର୍ଯ୍ୟ, ମିଶନ ଶକ୍ତି ଗ୍ରୁପର ସମସ୍ତ କର୍ମଚାରୀ ନୀଳାଞ୍ଚଳ ସାହୁ, ସାଗରିକା ଦେବୀ, କସ୍ତୁରୀ ପାଣିଗ୍ରାହୀ, ରୀତାଞ୍ଜଳି ବେହେରା, ମିଟୁ ପଟ୍ଟନାୟକ, ଅମିତା ମହାରଣା, ପ୍ରମୋଦା ପଟ୍ଟନାୟକ, ସୁପ୍ରଭା ଜେନା, କବିତା ଜେନା, ପ୍ରମିଳା ଜେନା, ପ୍ରଭାସିନୀ ବେହେରା, ଧରିତ୍ରୀ ପାତ୍ର, ବନିତା ବେହେରା, ଗୀତାଞ୍ଜଳି ଭୂୟାଁଙ୍କ ସମେତ ରୋହିଗାଁ ସେକ୍ଟର ସମସ୍ତ ଅଙ୍ଗନବାଡ଼ି କର୍ମୀ ଉପସ୍ଥିତ ଥିଲେ।

**ସ୍କୁଲକୁ ରାସ୍ତା ନିର୍ମାଣ ଦାବି**

# ଜିଲ୍ଲାପାଳଙ୍କୁ ଭେଟିଲେ ମନ୍ଦରଡ଼ାବାସୀ



ଛତ୍ରପୁର, ୧।୩(ସମିସ): ଗଞ୍ଜାମ ଜିଲ୍ଲା ପାତ୍ରପୁର ତହସିଲ ଅନ୍ତର୍ଗତ ମନ୍ଦରଡ଼ା ପଞ୍ଚାୟତର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ରାସ୍ତା ନିର୍ମାଣ ପାଇଁ ଶୁକ୍ରବାର ଗଞ୍ଜାମ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ମନ୍ଦରଡା ପଞ୍ଚାୟତବାସୀ। ୨୦୦୯ରୁ ଏହି ସ୍କୁଲ ନିର୍ମାଣ ହୋଇଥିଲେ ମଧ୍ୟ ଉକ୍ତ ସ୍କୁଲକୁ ଯିବା ଆସିବା କରିବା ପାଇଁ ଭଲ ରାସ୍ତା ନଥିବାରୁ ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ଉକ୍ତ ରାସ୍ତା ନିର୍ମାଣ ପାଇଁ ଜାଗା ଚିହ୍ନଟ ସକାଶେ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ ପଞ୍ଚାୟତବାସୀ ଜିଲ୍ଲାପାଳଙ୍କ ନିକଟରେ ଗୁହାରି କରିଛନ୍ତି। ଦାବିପତ୍ର ପ୍ରଦାନବେଳେ ରଘୁନାଥ ସାହୁ, ଅମୂଲ୍ୟ ସାହୁ, ରାହୁଲ ସାହୁ, ବଳରାମ ସାହୁ, ହୃଷୀକେଶ ସାହୁ, ଶମ୍ଭୁନାଥ ସାହୁଙ୍କ ସମେତ ମନ୍ଦରଡ଼ା ଓ ଆଙ୍କୁଲି ପଞ୍ଚାୟତବାସୀ ଉପସ୍ଥିତ ଥିଲେ।

# ଏବିଇଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଧରାକୋଟ, ୧।୩(ସମିସ): ଧରାକୋଟ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ବିଆରସିସି ପ୍ରଦୀପ କୁମାର ହୋତା ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ବ୍ଲକ ମିଳିତ ଶିକ୍ଷକ ସଂଘ ତରଫରୁ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ବିଇଓ ଲିଙ୍ଗରାଜ ସ୍ୱାଇଁ, ଏବିଇଓ ପ୍ରଦୀପ କୁମାର ଶତପଥୀ, ଉମାଚରଣ ପାଣିଗ୍ରାହୀ, ବିଆରଟି ସୀତାକାନ୍ତ ପଣ୍ଡା, ମୁଖ୍ୟ କିରାଣି ଜୟଦେବ ମୃଦଙ୍ଗିଆ, ଶିକ୍ଷକ ସଂଘ ତରଫରୁ ଶୁକ୍ରୁ ବେହେରା, ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ରାଜେନ୍ଦ୍ର ଗୌଡ଼, ପ୍ରଫୁଲ୍ଲ ବେହେରା, ସିମାଞ୍ଚଳ ବେହେରା, ରାଜେନ୍ଦ୍ର ରାଉତ, ସନ୍ତୋଷ ସ୍ୱାଇଁ, ଦେବାଶିଷ ବେହେରା, ବୁଲୁ ବେହେରା, ସ୍ୱପ୍ନାରାଣୀ ବେହେରା, ପ୍ରଭାତୀ କାମ୍ପ, ଅରୁଣ ପଟ୍ଟନାୟକ, ସନ୍ତୋଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଦାୟୀ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ହୋତାଙ୍କ କର୍ତ୍ତବ୍ୟପରାୟଣ ଗୁଣ, ତ୍ୟାଗ ପୁତ ଜୀବନୀ, ସମୟ ଉପଯୋଗୀ ଓ ପରୋପକାରୀ ଗୁଣର ପ୍ରଶଂସା କରାଯିବା ସହ ତାଙ୍କର ସୁଖ, ନିରାମୟ ଓ ଦୀର୍ଘ ଜୀବନ କାମନା କରାଯାଇଥିଲା। ଶିକ୍ଷୟିତ୍ରୀ ଗୀତାଞ୍ଜଳି ବେହେରା ଶ୍ରୀ ହୋତାଙ୍କ କର୍ମମୟ ଜୀବନର କାର୍ଯ୍ୟାବଳୀକୁ କବିତା ମାଧ୍ୟମରେ ପାଠ କରିଥିଲେ।



# ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଖଜୁରୀପଡ଼ା, ୧।୩(ସମିସ): କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବ୍ଲକ ରାଇଖୋଲ ଗ୍ରାମସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷୟିତ୍ରୀ ଏସ. ଶିଭାପ୍ରିୟା ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ସରପଞ୍ଚ ଜାନକୀ ଯାନୀ, ବକ୍ତା ଭାବେ ବିଇଓ ବିନୋଦ ବିହାରୀ ଦିଗାଲ, ଏବିଓ ନରସୁ କହଁର, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ଶୁକଦେବ ସେଠୀ, ସିଆର୍‌ସିସି ଅଶୋକ ମଲ୍ଲିକ, ଇନ୍ଦ୍ରମଣି ନାୟକ ଏବଂ ସ୍କୁଲର ସଭାପତି ସନନ୍ତ ଯାନୀ, ପୁରାତନ ଛାତ୍ର ବଂଶୀଧର ନନ୍ଦ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ନେଇ ବିତର୍କ ପ୍ରତିଯୋଗିତା କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ବିତରଣ କରାଯଇଥିଲା। ଏହି ଉତ୍ସବରେ ଗ୍ରାମର ନବୀନ ଯାନୀ ଏବଂ ସ୍କୁଲର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

**ଗଞ୍ଜାମରେ ଚାଞ୍ଚଲ୍ୟ**

# ଗୁଣି ସନ୍ଦେହରେ ଜଣଙ୍କୁ ନିର୍ମମ ହତ୍ୟା!

**କବିସୂର୍ଯ୍ୟନଗର,୧।୩(ସମିସ)**

କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ବଡଆଗୁଳ ଗ୍ରାମ ତଳସାହିରେ ଗୁଣି ସନ୍ଦେହ ଓ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ବ୍ୟକ୍ତିଙ୍କୁ ଖଣ୍ଡାରେ ହାଣି ନିର୍ମମଭାବେ ହତ୍ୟା କରାଯାଇଛି। ମୃତକ ଜଣକ ହେଲେ ତ୍ରିଲୋଚନ ପ୍ରଧାନ। ଘଟଣା ପରେ ଅଭିଯୁକ୍ତ କୈଳାଶ ସ୍ୱାଇଁଙ୍କୁ ପୁଲିସ ଗିରଫ କରି ଘଟଣାର ତଦନ୍ତ କରୁଛି। ସୂଚନାନୁସାରେ ବଡଆଗୁଳ ଗ୍ରାମ ତଳସାହିରେ ଉଭୟ ମୃତ ତ୍ରିଲୋଚନ ପ୍ରଧାନ ଓ ଅଭିଯୁକ୍ତ କୈଳାସ ସ୍ୱାଇଁ ଦୁଇ ପଡ଼ୋଶୀ। କୈଳାଶ କିଛି ବର୍ଷ ପୂର୍ବେ ତ୍ରିଲୋଚନଙ୍କ ଠାରୁ କିଛି ଟଙ୍କା (୩/୪ହଜାର) କରଜ ନେଇ ନିର୍ଦ୍ଧାରିତ ସମୟରେ ଫେରାଇ ନଥିଲେ। ଏହାକୁ କେନ୍ଦ୍ରକରି ଉଭୟଙ୍କ ମଧ୍ୟରେ ଝଗଡା ଲାଗି ରହୁଥିଲା। ସେହିପରି କୈଳାସଙ୍କ ଗୋଟିଏ ଝିଅ ଓ ଗୋଟିଏ ପୁଅ ଧିରେନ ଅଛନ୍ତି। ପୁଅ ଧିରେନର ସ୍ୱାସ୍ଥ୍ୟବସ୍ଥା ପ୍ରାୟ ସବୁବେଳେ ଖରାପ ରହୁଥିଲା। ଏଥିପାଇଁ ସେ ଗାଁଛାଡି କିଛିମାସ ହେଲା ବ୍ରହ୍ମପୁରରେ ଘରଭଡା ନେଇ ରହିଆସୁଥିଲେ ଏବଂ ସୁରତରେ କାମ କରୁଥିଲେ। ତେବେ ତ୍ରିଲୋଚନଙ୍କ ଉପରେ ରାଗ ସୁଝାଇବା ପାଇଁ ସବୁବେଳେ ସୁଯୋଗ ଉଣ୍ଡି ବସିଥିଲେ। ସେଥିପାଇଁ ପୂର୍ବ

## ■ ରକ୍ତଭିଜା ଖଣ୍ଡା ଜବତ, ଅଭିଯୁକ୍ତ ଗିରଫ

କୈଳାଶ ଗୁଣି ଗାରେଡିର ସହାୟତା ନେଇଥିଲେ। ଗୁଣିଆଙ୍କ ଦ୍ୱାରା ଗୁଣିଗାରେଡି ହୋଇଥିବା ଓ ନିଜ ପାଖଲୋକ, ପାଖଘର ଲୋକ ଗୁଣିଆ କରିଥିବା ସୂଚନା ପାଇବା ପରେ ତ୍ରିଲୋଚନ ହିଁ ଗୁଣି କରି ତାଙ୍କୁ ହଇରାଣ କରୁଛି ବୋଲି କୈଳାଶ ସନ୍ଦେହ କରୁଥିଲେ। ସେଥିପାଇଁ ଯୋଜନା ମୁତାବକ ଗୁରୁବାର ଦିନ ନିଜ ଗାଁ ବଡଆଗୁଳକୁ କୈଳାସ ଆସିଥିଲେ। ରାତି ପ୍ରାୟ ୯ଟାବେଳେ ରାସନ ଦୋକାନୀ ଅର୍ଜୁନ ପରିଡ଼ାଙ୍କ ଦୋକାନ ଆଗରେ ତ୍ରିଲୋଚନ ଠିଆ ହୋଇଥିବା କୈଳାଶ ଦେଖିଥିଲେ। କୈଳାସ ଏହି ସୁଯୋଗ ହାତଛଡା ନକରି ଘରୁ ଏକ ଖଣ୍ଡା ଆଣି ତ୍ରିଲୋଚନଙ୍କ ମୁଣ୍ଡ, ହାତ ଆଦି ଶରୀରର ବିଭିନ୍ନ ସ୍ଥାନକୁ ନିର୍ଦ୍ଦୟ ଭାବେ ହାଣି ପକାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତ୍ରିଲୋଚନ ଟଳିପଡ଼ିଥିଲେ। ଘଟଣା ପରେ କୈଳାସ କବିସୂର୍ଯ୍ୟନଗର ଥାନାରେ ଆତ୍ମସମର୍ପଣ କରିଥିଲା। ମୃତକଙ୍କ ଝିଅ ବାସନ୍ତୀଙ୍କ ଅଭିଯୋଗ ପ୍ରକାରେ ପୁଲିସ ଏକ ହତ୍ୟାମାମଲା ରୁଜୁ କରି ଅଭିଯୁକ୍ତ କୈଳାଶକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଶବକୁ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବା ଆଇଆଇସି ସୁଧୀର କୁମାର ସାହୁ ସୂଚନା ଦେଇଛନ୍ତି। ତେବେ ଗୁଣିଆ ଅଥବା ଧାର କରଜକୁ କେନ୍ଦ୍ରକରି ଘଟଣା ଘଟିଛି ତାହା ଅଧିକ ତଦନ୍ତ ପରେ ସ୍ପଷ୍ଟହେବ ବୋଲି ଆଇଆଇସି ଶ୍ରୀ ସାହୁ କହିଛନ୍ତି।

## ବୋରିଗାଁ ପଞ୍ଚାୟତରେ ଭତ୍ତା ବଣ୍ଟନ



**କୁକୁଡ଼ାଖଣ୍ଡି,୧।୩(ସମିସ):** ଗୋପାଳପୁର ନିର୍ବାଚନମଣ୍ଡଳୀ ତଥା କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ବୋରିଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ୧୧୪ ଜଣ ମଧୁବାବୁ ପେନ୍‌ସନ ହିତାଧିକାରୀଙ୍କୁ ଭତ୍ତା ଟଙ୍କା ବଣ୍ଟନ କରାଯାଇଛି। ବୋରିଗାଁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଏସ୍. ରାଜେଶ ରାଓଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୁକୁଡ଼ାଖଣ୍ଡି ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସସ୍ମିତା ସାହୁ, ଏଏଫ୍‌ଓ ମୋନାଲିସା ମିଶ୍ର, ନାଏବ ସରପଞ୍ଚ ପି.ଭୀମ ରାଓ, ଯୋଗାଣ ସହାୟକ ରାଜେଶ୍ୱରୀ ସାହୁ, ପୂର୍ବତନ ସରପଞ୍ଚ ବସନ୍ତ କୁମାର ସାହୁ, ପଞ୍ଚାୟତ ବିଜେଡି ସଭାପତି ଅଭିରାମ ସେଠୀଙ୍କ ଜରିଆରେ ପ୍ରତ୍ୟେକ ହିତାଧିକାରୀଙ୍କୁ ଏକ ମାସର ଭତ୍ତା ଟଙ୍କା ବଣ୍ଟନ କରିଥିଲେ। ପଞ୍ଚାୟତରେ ନୂତନ ଭାବେ ଜଡ଼ିତ ହୋଇଥିବା ହିତାଧିକାରୀମାନଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ଓ ଭିନ୍ନକ୍ଷମ ଭତ୍ତା ବଣ୍ଟନ କରିଥିଲେ।

## ଦୁର୍ଘଟଣାଗ୍ରସ୍ତଙ୍କ ଚିକିତ୍ସା କରାଇଲେ ସ୍ୱେଚ୍ଛାସେବୀ

ଗଞ୍ଜାମ,୧।୩(ସମିସ): ଗଞ୍ଜାମ ସହର ୧୬ନଂ ଜାତୀୟ ରାଜପଥ ଶନି ମନ୍ଦିର ଛକରେ ଶୁକ୍ରବାର ପୂର୍ବାହ୍ନରେ ଜୈନେକ ଛାତ୍ର ସାଇକେଲରେ ସ୍କୁଲ ଯିବା ସମୟରେ ବାଇକ୍ ସହ ଧକ୍କା ହୋଇଥିଲା। ଫଳରେ ଉଭୟ ବାଇକ୍ ଆରୋହୀ ଛତ୍ରପୁର ଅଞ୍ଚଳର ରାଜା ନାୟକ ଓ ଛାତ୍ର ସବ୍ୟସାଚୀ ସେଠୀ ଗୁରୁତର ଆହତ ହୋଇଥିଲେ। ସେହି ରାସ୍ତା ଦେଇ ଯାଉଥିବା ଏନ୍‌ଏସି ବିଜେଡି ସଭାପତି ସୁଧୀର କୁମାର ପାଢ଼ୀ, ସଞ୍ଜୟ, ବିଭୂତି ପ୍ରମୁଖ ଗୁରୁତର ଆହତମାନଙ୍କୁ ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ର ନେଇ ଚିକିତ୍ସା କରାଇଥିଲେ। ତେଣୁ ସ୍କୁଲ ଚାଲୁଥିବା ସମୟରେ ସମ୍ପୃକ୍ତ ସ୍ଥାନରେ ପୁଲିସ ମୁତୟନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଶିକ୍ଷକଙ୍କ ସ୍ମୃତିଚାରଣ ସଭା

**ରମ୍ଭା,୧।୩(ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ରାମଗଡ଼ ପଞ୍ଚାୟତ ଅଧୀନସ୍ଥ ଗଜପତିନଗର ଗ୍ରାମରେ ଶିକ୍ଷକ ଦେବହରି ବେହେରାଙ୍କ ଦ୍ୱାଦଶାହରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଚଉଦ ଦେଶ ଛପନ ଖଣ୍ଡ ଗ୍ରାମ କୁଳ ସଭାପତି ଡମ୍ବରୁଧର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ପୂର୍ବତନ ଗଞ୍ଜାମ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାଗିରଥି ବେହେରା, ସମ୍ମାନିତ ଅତିଥି ଭାବେ ଦାରିଙ୍ଗବାଡି ବିଡିଓ ଗଦାଧର ପାତ୍ର, ରାଜ୍ୟ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ଏବିଇଓ ବିଜୟ ଚନ୍ଦ୍ର ବେହେରା, ବରିଷ୍ଠ ସମାଜସେବୀ ମହେଶ୍ୱର ବରାଡ, ଏପିଜେ ଅବଦୁଲ ଜନ କଲ୍ୟାଣ ଟ୍ରଷ୍ଟର ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା, ଅନନ୍ୟ ଉତ୍କଳର ଅଧ୍ୟକ୍ଷ, ବ୍ରହ୍ମପୁରର ଚକ୍ଷୁ ଡାକ୍ତର ରାଜେନ୍ଦ୍ର କୁମାର ବେହେରା, ପ୍ରଭାତ କୁମାର ମିଶ୍ର, ଡିଆଇଟି ଖଲ୍ଲିକୋଟର ଶିକ୍ଷକ ପ୍ରଶିକ୍ଷକ ଜୟନ୍ତୀ ବେହେରା, ସିଆର୍‌ସିସି ନରସିଂହ ବେହେରା, ବରିଷ୍ଠ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ବେହେରା, କବୟିତ୍ରୀ ବାସନ୍ତୀ ଲତା ସ୍ୱାଇଁ ପ୍ରମୁଖ ଯୋଗଦେଇ ଦିବ୍ୟଙ୍ଗତ ଶିକ୍ଷକଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଶେଷଦେବ ବେହେରା ପରିଚାଳନା କରିଥିବା ବେଳେ ଶିକ୍ଷକ ଜୟାନନ୍ଦ ବେହେରା, ଘନଶ୍ୟାମ ବେହେରା, ଅର୍ଜୁନ ବେହେରା, ନନ୍ଦ କିଶୋର ବେହେରା, ଟିକିନା ବେହେରା, କୈଳାଶ ବେହେରା, ମାନସ ବେହେରା, ଗଣେଶ କରି, ଦୁଷ୍ମନ୍ତ ବେହେରା ଆଦି ପରିଚାଳନାରେ ସହଯୋଗ କରିଥିଲେ। ସ୍ୱର୍ଗତ ବେହେରାଙ୍କ ସ୍ତ୍ରୀ ଶିକ୍ଷୟିତ୍ରୀ ଅଞ୍ଜନା ବେହେରା, ପୁତ୍ର ଓ କନ୍ୟା ପରିବାର ବନ୍ଧୁବର୍ଗ ସମେତ ଗଜପତିନଗର ଗ୍ରାମବାସୀ ଉପସ୍ଥିତ ଥିଲେ।

### ■ ଛତ୍ରପୁର ଏନ୍‌ଏସିକୁ ମ୍ୟୁନିସିପାଲଟି ଘୋଷଣା

## '୫-ଟି' ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇଲେ ଛତ୍ରପୁରବାସୀ

**ଛତ୍ରପୁର,୧।୩(ସମିସ):** ଫେବୃଆରୀ ୨୪ରେ ଛତ୍ରପୁର ଏନ୍‌ଏସିକୁ ରାଜ୍ୟ ସରକାର ମ୍ୟୁନିସିପାଲିଟି ମାନ୍ୟତା ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଏବଂ ଛତ୍ରପୁର ଏନ୍‌ଏସି ଉପାଧ୍ୟକ୍ଷ ଜି.ପାପା ରାଓଙ୍କ ତତ୍ତ୍ୱାବଧାନରେ ବହୁ ସଂଖ୍ୟକ ସହରବାସୀ, ଜନପ୍ରତିନିଧି, ଆଇନଜୀବୀ, ବୁଦ୍ଧିଜୀବୀ ଏବଂ ମିଶନ ଶକ୍ତି ମା'ମାନେ ନବୀନ ନିବାସରେ ପହଞ୍ଚି ସେଠାରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ଛତ୍ରପୁର ଏନ୍‌ଏସିର କାଉନସିଲର ଦେବାଶିଷ ମିଶ୍ର, ପ୍ରୀତିଛନ୍ଦା ସାମଲ, ସନ୍ତୋଷୀ ସେଠୀ, ମମତା ପାତ୍ର, ବି. ନିଶ୍ଚଳା ଓ ସୁମନ୍ତ ନାହାକ, ଯୁବ ବିଜେଡି



ଛତ୍ରପୁର ନିର୍ବାଚନମଣ୍ଡଳୀର ସଭାପତି ସନମୁଖ ପଟ୍ଟନାୟକ, ଯୁବ ବିଜେଡି ଛତ୍ରପୁର ବ୍ଲକ ଉପସଭାପତି କାହ୍ନୁଚରଣ ବେହେରା, ସରକାରୀ ଓକିଲ ସିମାଞ୍ଚଳ ମହାପାତ୍ର, ବିଜୟ କୃଷ୍ଣ ପଟ୍ଟନାୟକ, ସୁରେଶ ପଣ୍ଡା ଓ ଭୈରବୀ କୁମାର ପଟ୍ଟନାୟକ, ଛତ୍ରପୁର ପର୍ଯ୍ୟବେକ୍ଷକ ନାରାୟଣ ଜେନାଙ୍କ ସମେତ ବହୁ ବୃଦ୍ଧିଜୀବୀ, ବିଜୁ ଆଇନ ସାମ୍ମୁଖ୍ୟର ବହୁ ସଭ୍ୟ, ମିଶନ ଶକ୍ତି ସଦସ୍ୟା ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

## ଆଦର୍ଶ ବିଦ୍ୟାଳୟରେ ଆଲୋକୀକରଣ ବ୍ୟବସ୍ଥା ଦାବି

**ହୁମ୍ମା,୧।୩(ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଶତ୍ରୁଶୋଲରେ ଆଲୋକୀକରଣ ବ୍ୟବସ୍ଥା ନଥିବା ଅଭିଯୋଗ ହୋଇଛି। ଶତ୍ରୁଶୋଲ ଗ୍ରାମ ପାହାଡ଼ ପାଦଦେଶରେ ରହିଥିବା ଶତ୍ରୁଶୋଲ ଆଦର୍ଶ ବିଦ୍ୟାଳୟର ସୌନ୍ଦର୍ଯ୍ୟ ମନ୍ତ୍ରମୁଗ୍ଧ ହୋଇଥିବା ବେଳେ ହଷ୍ଟେଲ ସୁବିଧା ପାଇଥିବା ୮୦ରୁ ଉର୍ଦ୍ଧ୍ୱ ଛାତ୍ରୀ, ଅଭିଭାବକ ଓ ସେହି ରାସ୍ତା ଦେଇ ନିର୍ଭର କରୁଥିବା ଶତ୍ରୁଶୋଲ ଗ୍ରାମବାସୀ ଆଲୋକୀକରଣ ବ୍ୟବସ୍ଥା ଅଭାବ ଫଳରେ ବନ୍ୟଜନ୍ତୁ ଓ ଅନ୍ଧାରମୟ ପରିବେଶ କାରଣରୁ ସୁରକ୍ଷିତ ନଥିବା ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଏନେଇ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷା ମାଧୁରୀ ମହାରଣା କହିଛନ୍ତି ଯେ ବିଦ୍ୟାଳୟର ବାହାର ପାର୍ଶ୍ୱରେ ଆଲୋକୀକରଣ ବ୍ୟବସ୍ଥା ଓ



ସେମାନଙ୍କ ମୌଳିକ ସୁବିଧା ନଥିବା କାରଣରୁ ଛାତ୍ରଛାତ୍ରୀମାନଙ୍କ ସମସ୍ୟାକୁ ନେଇ ବିଡିଓଙ୍କୁ ବାରମ୍ବାର ଅଭିଯୋଗ କରିଛନ୍ତି। ତେବେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ଯାଇପାରି ନାହିଁ। କେବଳ ଆଲୋକୀକରଣ ବ୍ୟବସ୍ଥା ନୁହେଁ ଏହି ଆଦର୍ଶ ବିଦ୍ୟାଳୟରେ ଛାତ୍ରୀଙ୍କ ପାଇଁ କୌଣସି ୱାର୍ଡେନର ନଥିବା, ପାନୀୟ ଜଳ ବ୍ୟବସ୍ଥା, ପାର୍କିଂ ପାଇଁ ସାଇକଲ ଷ୍ଟାଣ୍ଡ ନଥିବା ମଧ ଜଣାପଡ଼ିଛି। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ

ବୁଗୁଡ଼ା,୧।୩(ସମିସ): ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ବୁଗୁଡ଼ା ଏନଏସି କ୍ଲଷ୍ଟର ପକ୍ଷରୁ ଗୋଲାମୁଣ୍ଡୁଳା ପ୍ରାଥମିକ ବିଦ୍ୟାଳୟ ପରିସରରେ ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସତ୍ୟ ନାରାୟଣ ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଇଓ ଚିନ୍ମୟ ମହାପାତ୍ର ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ତାଳସାକର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସିମାଞ୍ଚଳ ସେଠୀ ଯୋଗ ଦେଇଥିଲେ। ସିଆରସିସି କିରଣ ବାଳା ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଏନ୍‌ଏସି କ୍ଲଷ୍ଟର ଅନ୍ତର୍ଗତ ୧୦ଟି ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ




ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଶିକ୍ଷଣୀୟ ସାମଗ୍ରୀ ସାଙ୍ଗକୁ ଶିଶୁଙ୍କ ଉପଯୋଗୀ ଖେଳନା, ପ୍ରକଳ୍ପ ଓ ଚିତ୍ରକଳା ଆଦି ପ୍ରଦର୍ଶିତ ହୋଇଥିଲା। ଏ ଅବସରରେ ସମସ୍ତ ବିଦ୍ୟାଳୟର ଅଂଶ ଗ୍ରହଣକାରୀ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲାବେଳେ ସହକାରୀ ଶିକ୍ଷୟିତ୍ରୀ ମଧୁସ୍ମିତା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋପୀନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବର ପୂର୍ଣ୍ଣାହୁତି

ଆସିକା,୧।୩(ସମିସ): ଆସିକା ବ୍ଲକ ରାଇପଲ୍ଲୀ ଗ୍ରାମରେ ଗୋପୀନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ଚାରିଦିନ ଧରି ଚବିଶି ପ୍ରହର ନାମଯଜ୍ଞ, ଅନ୍ନଯଜ୍ଞ, ଘୃତ, ଜ୍ଞାନ ଯଜ୍ଞ ଓ ଗୋ-ଯଜ୍ଞ ଅନୁଷ୍ଠିତ ହୋଇଥିଲା। ନୂତନ ମନ୍ଦିରରେ ପ୍ରଭୁ ଶ୍ରୀଗୋପୀନାଥ ବିଜେ ହେବା ସହିତ ଯଜ୍ଞ ପୂର୍ଣ୍ଣାହୁତି କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଧରାକୋଟ ରାଜା ସୁଲକ୍ଷଣା ଗୀତାଞ୍ଜଳି ଦେବୀ ଉକ୍ତ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେଇ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପାଦନ କରିଥିଲେ। ପଣ୍ଡିତ ଅଶୋକ କୁମାର ପାଢ଼ୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ କର୍ତ୍ତା ଭାବେ ବାଲାଜୀ ସ୍ୱାଇଁ ଅଧିଷ୍ଠିତ ହୋଇଥିବା ବେଳେ ନାମଯଜ୍ଞର କର୍ତ୍ତା ଭାବେ ରାଜେନ୍ଦ୍ର



ସ୍ୱାଇଁ ଅଧିଷ୍ଠିତ ହୋଇଥିଲେ। ଅନ୍ୟ କର୍ତ୍ତା ଭାବେ ରମେଶ ଜେନା, ରମେଶ ଶିୟ, ରବୀନ୍ଦ୍ର ଦାଶ ପ୍ରମୁଖ ସହଯୋଗ କରିଥିଲେ।

## କର୍ମଚାରୀ ସଂଘ ସଭାପତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବୁଗୁଡା, ୧।୩(ସମିସ): ସ୍ଥାନୀୟ ଏନ୍‌ଏସି କାର୍ଯ୍ୟାଳୟର କର୍ମଚାରୀ ସଂଘ ସଭାପତି ପିତବାସ ପ୍ରଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସଂଘର ଉପସଭାପତି ଜଗଦୀଶ ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଓ ଉପାଧ୍ୟକ୍ଷା ଗିତାଞ୍ଜଳୀ, ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଅତିରିକ୍ତ ତହସିଲଦାର ସୁନନ୍ଦ ଶେଖର ସାହାଣୀ, ବରିଷ୍ଠ କର୍ମଚାରୀ ସନ୍ତୋଷ କୁମାର ପଣ୍ଡାଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।



## ବେଦାନ୍ତ ଆଶ୍ରମରେ ସୁରଭି ଯଜ୍ଞ



**ବେଲଗୁଣ୍ଠା,୧।୩(ସମିସ):** ବେଲଗୁଣ୍ଠା ବ୍ଲକ୍ ବିଞ୍ଚଣା ସ୍ଥିତମୁକ୍ତି ପ୍ରଶିକ୍ଷଣ ବେଦାନ୍ତ ଆଶ୍ରମ ତଥା ମା' ସନ୍ତୋଷୀ ପୀଠରେ ଗୋମାତାଙ୍କର ସୁରକ୍ଷା ପାଇଁ ସୁରଭି ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସଂଯୁକ୍ତ ସନାତନ ଧର୍ମାଚାର୍ଯ୍ୟ ଗୋବାହିନୀର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ମୁକ୍ତି ପ୍ରଶିକ୍ଷଣ କେନ୍ଦ୍ରର ସଦ୍‌ଗୁରୁ ବାବା ହରି ଶଙ୍କର ସ୍ୱାମୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କରଚୁଲି ମଠାଧୀଶ ସତ୍ୟାନନ୍ଦ ଗିରୀ, ସଂଯୁକ୍ତ ସନାତନ ଧର୍ମ ଗୋବାହିନୀ ରାଷ୍ଟ୍ରୀୟ ସମ୍ପାଦକ ତଥା ଭୁବନେଶ୍ୱର ରାଧାକାନ୍ତ ମଠାଧୀଶ ସୀତାରାମ ବ୍ରହ୍ମଚାରୀ, ଜଗତସିଂହପୁର ବ୍ରହ୍ମଚାରୀ ମଞ୍ଚାସୀନ ରହି ଗୋମାତାଙ୍କର ସୁରକ୍ଷା ପାଇଁ ଲୋକଙ୍କୁ ସଚେତନ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ୭ଟି ଗାଈଙ୍କୁ ପୂଜାର୍ଚ୍ଚନା କରାଯିବା ସହିତ ପାରମ୍ପରିକ ଶିଙ୍ଘବାଜା ଏବଂ ସଂକୀର୍ତ୍ତନ ମଣ୍ଡଳୀ ପଟୁଆର ମଧ୍ୟରେ ମାଆଙ୍କ ନଗର ପରିକ୍ରମା ଅନୁଷ୍ଠିତ ହୋଇଥିଲା।

# ଜଳଯୋଗାଣ ପ୍ରକଳ୍ପର ଶିଳାନ୍ୟାସ

**ରମ୍ଭା,୧।୩(ସମିସ)**

ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଅଧ୍ୟକ୍ଷା ମାନସୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଆଶାଲତା ରଚମାଲାଙ୍କ ନେତୃତ୍ୱରେ ପଣ୍ଡା କଲୋନୀଠାରେ ହେବାକୁ ଥିବା ବସୁଧା ଯୋଜନାରେ ଆସିଥିବା ୨୨୫ ଲକ୍ଷ ଲିଟର ଜଳ ଭଣ୍ଡାର କାର୍ଯ୍ୟକ୍ଷମ ପାଇଁ ସ୍ୱତନ୍ତ୍ର ପାଇପ୍ ବିଛାଇବା ସହିତ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟର ଫଳକ ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟ ପାଇଁ ଅଟକଳ ମୂଲ୍ୟ ୮୯.୨୮ ଲକ୍ଷ ଟଙ୍କା ରାଜ୍ୟ ସରକାରଙ୍କ ପାଣ୍ଠିରୁ ଅନୁମୋଦନ ହୋଇଛି। କାର୍ଯ୍ୟକ୍ରମରେ ପି.ଏଚଡି ଆସିଷ୍ଟାଣ୍ଟ ଇଞ୍ଜିନିଅର ସୁଶାନ୍ତ କୁମାର ବେହେରା, ୧ ନମ୍ବର ୱାର୍ଡ କାଉନସିଲର ସାଗର ନାହାକ,



ଡଃ. ସରୋଜ ଦାଶ, ଜି. ସଙ୍ଗମ ଚୌଧୁରୀ, ସର୍ବନାମ ଦାଶ, ଦୀପକ କୁମାର ବିଷୋୟୀ, ଶୁଭଶ୍ରୀ ତ୍ରିପାଠୀ, କେ. ଜ୍ୟୋତି ଦୋରା, ମିତା ପ୍ରଧାନଙ୍କ ସମେତ ଏନ୍‌ଏସିର କର୍ମଚାରୀ ଓ ପିଏଚଡିର ଦୁର୍ଯ୍ୟୋଧନ ଗୌଡ଼, ପ୍ରଦୀପ କୁମାର ଗୌଡ଼, ଦୁଃଶାସନ ପାତ୍ର, ବାସନ୍ତୀ ଗୌଡ଼, ଜାମୁନି ଗୌଡ଼ ଉପସ୍ଥିତ ଥିଲେ। ଏହା ସହିତ ମହିଳା ଗୋଷ୍ଠୀ, ସ୍ୱଚ୍ଛ ସାଥୀ ଚାନ୍ଦିନୀ ବେହେରା, ଡଲି ଦାସ, ରଶ୍ମିତା ଟହଲ, ପୁଷ୍ପାଞ୍ଜଳି ଦାସ, ବାଳାମତି ବେହେରା, ସୁଜ୍ଞାନୀ ଦାସ, ପ୍ରଶାନ୍ତ ନାୟକ, ନିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ହେଲେ ଜଗଦୀଶ

**ଭଞ୍ଜନଗର,୧।୩(ସମିସ):** ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଦସ୍ୟ ଭାବେ ଜିଲ୍ଲା ଲୋକକଳା ସଂଘର ସମ୍ପାଦକ ଜଗଦୀଶ ପାଣିଗ୍ରାହୀ ନିଯୁକ୍ତି ପାଇଛନ୍ତି। ଏନେଇ ଏକାଡେମୀ ସଚିବ ପ୍ରବୋଧ ରଥ ତାଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ଗଞ୍ଜାମ ଜିଲ୍ଲାରୁ ଏକମାତ୍ର ପ୍ରତିନିଧି ଭାବେ ସେ ଏହି ସୁଯୋଗ ପାଇଛନ୍ତି। ଶ୍ରୀ ପାଣିଗ୍ରାହୀ ଦୀର୍ଘ ବର୍ଷ ହେଲା ବିଭିନ୍ନ ଲୋକକଳ କଳା ଓ ସାଂସ୍କୃତିକ ଅନୁଷ୍ଠାନ ସହ ଜଡ଼ିତ ଥିବା ବେଳେ ପାରମ୍ପରିକ ପଶୁମୁଖା ନୃତ୍ୟକଳାକୁ ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ସ୍ଥାନରେ ପ୍ରଦର୍ଶନ କରି ପ୍ରଶଂସା ସାଉଁଟିଛନ୍ତି। ଦିଲ୍ଲୀରୁ ଆରମ୍ଭ କରି ଭୁବନେଶ୍ୱରରେ ଅନୁଷ୍ଠିତ ପରେଡ୍ ସମେତ ଭାରତପର୍ବ ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ପଶୁମୁଖା ନୃତ୍ୟ



ପରିବେଷଣ କରି ସ୍ଥାନୀୟ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ତାଙ୍କୁ ଏହି ପଦବୀ ମିଳିବା ଶୁଣି ବହୁ କଳାକାର ଅଭିନନ୍ଦନ ଜଣାଇବା ସହ ତାଙ୍କର ଉଦ୍ୟମରେ ସ୍ଥାନୀୟ ଅଞ୍ଚଳର ଲୋକକଳାର ବିକାଶ ଘଟିବ ବୋଲି ଆଶା ବ୍ୟକ୍ତ କରିଛନ୍ତି।

